ଭିନ୍ନ ଜଣେ ସତ୍ୟବାନ

# ୬ ବର୍ଷ ଧରି ଅସୁସ୍ଥ ପତ୍ନୀଙ୍କ ସେବାରେ ବିରଞ୍ଚି

**କୟାଁଗୋଲା, ୬।୬(ସମିସ)**



ସେଦିନ ନିଜର ତପସ୍ୟା, ତ୍ୟାଗ ଓ ସାଧନା ପାଇଁ ଯମରାଜଙ୍କଠାରୁ ନିଜ ସତ୍ୟବାନଙ୍କୁ ଛଡ଼ାଇ ଆଣିଥିଲେ ସାବିତ୍ରୀ। କିନ୍ତୁ ଆଜି ଏମତି ଜଣେ ସତ୍ୟବାନ ଅଛନ୍ତି, ଯିଏ ନିଜ ସାବିତ୍ରୀ ଅର୍ଥାତ ପତ୍ନୀଙ୍କ ସେବାରେ ଦୀର୍ଘ ୬ ବର୍ଷ ହେଲା ଲାଗିଛନ୍ତି। ସେହି ସତ୍ୟବାନ ବା ସ୍ୱାମୀ ଆଜିର ସାବିତ୍ରୀ ଅମାବାସ୍ୟାରେ ଅନ୍ୟ ପୁରୁଷଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ନିଜର ଥିବା ସମସ୍ତ ଅଭାବ ଓ ଅନଟନ ସତ୍ତ୍ୱେ ନିଜ ଅସୁସ୍ଥ ପତ୍ନୀଙ୍କ ଚିକିତ୍ସାରେ କେବେହେଲେ ହେଳା କରିନାହାଁନ୍ତି। ପ୍ରତିଦିନ ଅଟୋ ରିକ୍ସାରେ ପତ୍ନୀଙ୍କୁ ନେବା ଆଣିବା କରିଥା'ନ୍ତି। ସେତିକି ନୁହେଁ ସ୍ନାୟୁଗତ ରୋଗରେ ପୀଡ଼ିତା ପତ୍ନୀଙ୍କୁ ଗାଧୁଆ ପାଧୁଆ, ଶୌଚ ଆଦି କର୍ମ ପାଇଁ ଟେକି ଟେକି ଗାଧୁଆ ଘରକୁ ନେବା, ପୋଷାକ ପିନ୍ଧାଇବା ଓ ରୋଷେଇ ସମେତ ଘରର ଯାବତୀୟ କାମ କରୁଥିବା ଜଣେ ସ୍ୱାମୀଙ୍କୁ ପ୍ରକୃତ ସତ୍ୟବାନ ବୋଲି ପରିଚୟ ଦେଇଛନ୍ତି ଗାଁ ଲୋକେ।

ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ପଞ୍ଚାୟତ ବିରିପଟା ଶାସନ ଗ୍ରାମର ବିରଞ୍ଚି ନାରାୟଣ ଶତପଥୀ। ବୟସ ୪୨ ଟପିଲାଣି। ପେଶାରେ ଜଣେ ରାଜମିସ୍ତ୍ରୀ ଭାବେ କାମ କରନ୍ତି। ଆଜକୁ ୧୦ ବର୍ଷ ପୂର୍ବେ ସେ ଶାନ୍ତିଲତାଙ୍କୁ ବିବାହ କରିଥିଲେ ଓ ବିବାହର ୬ ବର୍ଷ ପରେ ଶାନ୍ତିଲତାଙ୍କ ମେରୁଦଣ୍ଡରେ ବ୍ୟଥା ହେବା ସହ ପ୍ରବଳ ବିନ୍ଧା ବିନ୍ଧି କଲା ଓ ଗୋଡ କାଲୁଆ ଗୋଦରା ହୋଇଗଲା। ଉଠିବା, ବସିବା ଏପରିକି ନିଜର ନିତ୍ୟକର୍ମ ପାଇଁ ଅନ୍ୟ ଉପରେ ନିର୍ଭର କରିବାକୁ ପଡ଼ିଲା। ଡିହ ବାଡ଼ି ଖଣ୍ଡକୁ ଛାଡିଦେଲେ ଜମି ଗୁଣ୍ଠେ ନାହିଁ। ସରକାରଙ୍କ ପକ୍ଷରୁ ମିଳିଥିବା ୧ ଲକ୍ଷ ୩୦ ହଜାର ଟଙ୍କାରେ ପକ୍କା ଘର ଖଣ୍ଡିଏ କରିଛନ୍ତି। ଘର ପାଇଁ ହାତ ଉଧାରି କିଛି କରିଥଲେ ମଧ୍ୟ ଗୃହ ସମ୍ପୂର୍ଣ୍ଣ ହୋଇନି। ପ୍ରଥମେ ପତ୍ନୀ ଶାନ୍ତିଲତାଙ୍କୁ ଯାଜପୁର ଓ ପରେ କଟକ ନେଇ ଚିକିତ୍ସା କରାଇଲେ। ବର୍ଷ ବର୍ଷ ଧରି ଚିକିତ୍ସା କରିବା ସତ୍ତ୍ୱେ ଶାନ୍ତିଲତାଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିଲା ନାହିଁ। ଦିନମଜୁରିଆ ବିରଞ୍ଚି ମାସକୁ ୧୫ରୁ ୨୦ ଦିନ କାମକୁ ଯାଇ ଯାହା ମଜୁରି ପାଆନ୍ତି, ସେଥିରେ ଦୁଇ ପ୍ରାଣୀ ଦୁଇ ଓଳି ଚଳନ୍ତି ଓ ବଳକା ପଇସାରେ ଶାନ୍ତିଲତାଙ୍କ ଔଷଧ ଆସେ। ପ୍ରତିଦିନ ଘରୁ ଟେକି ଟେକି ନେଇ ଅଟୋ ରିକ୍ସା ବସାଇ ପାଖ ବଜାର ଔଷଧ ଦୋକାନକୁ ନିଅନ୍ତି ବିରଞ୍ଚି। ଅସୁସ୍ଥ ପତ୍ନୀଙ୍କ ଚିକିତ୍ସା ପାଇଁ ଦିନରାତି ଏକ କରିଛନ୍ତି ବିରଞ୍ଚି। ମନରେ ସାମାନ୍ୟ ବିରକ୍ତି ଭାବ କି ଅନୁଶୋଚନା ନାହିଁ। ଅର୍ଥାଭାବ ସତ୍ତ୍ୱେ ତାଙ୍କ ମନର ବଳ ଭାଙ୍ଗିନି। ପତ୍ନୀ ଶାନ୍ତିଲତାଙ୍କ ପାଇଁ ଭଲ ପାଇବା କମିନି। ଆଜି ପର୍ଯ୍ୟନ୍ତ ଭଲ ଚିକିତ୍ସା ଓ ଭତ୍ତା ଟିକେ ମିଳିପାରିନି। ଏଥି ପାଇଁ ଜିଲ୍ଲାପାଳ ବ୍ୟବସ୍ଥା କଲେ ବିରଞ୍ଚିଙ୍କ ପତ୍ନୀ ଆରୋଗ୍ୟ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ୧୨୨ ଗ୍ରାମ ବ୍ରାଉନସୁଗର ଜବତ, ଜଣେ ଗିରଫ

**ଷଠିପୁର, ୬।୬(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଷଠିପୁର ଛକରେ ଯାଜପୁର ଜିଲ୍ଲା ଅବକାରୀ ବିଭାଗର ମୋବଇଲ ସ୍କ୍ୱାର୍ଡ ପକ୍ଷରୁ ଚଢ଼ଉ କରାଯାଇ ଜଣେ ବ୍ୟକ୍ତିଙ୍କଠାରୁ ୧୨୨ ଗ୍ରାମ ବ୍ରାଉନସୁଗର ଜବତ କରାଯିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପାଣିକୋଇଲି ଥାନା ଅନ୍ତର୍ଗତ ଷଠିପୁର ଛକରେ



ବ୍ରାଉନସୁଗର ବିକ୍ରି ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଯାଜପୁର ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶାନୁସାରେ ଗୁରୁବାର ଗୋଟାଏ ସମୟରେ ଅବକାରୀ ମୋବାଇଲ ସ୍କ୍ୱାର୍ଡ଼ ଅଧିକାରୀ ବିଭୁପ୍ରସାଦ ସାହୁ ଷଠିପୁର ଛକରେ ଚଢ଼ଉ କରି ଭଦ୍ରକ ଜିଲ୍ଲା ଧୁଷୁରୀ ଥାନା ଅନ୍ତର୍ଗତ ସହିଦନଗର-କାଟସାହି ଗ୍ରାମର ସୁରେଶ ମନକାରଙ୍କ ପୁଅ ଶଶୀକାନ୍ତ ମନକାରକୁ ବ୍ରାଉନସୁଗର ବିକ୍ରି କରିବାକୁ ଆଣୁଥିବା ଦେଖି ତାଙ୍କୁ ଗିରଫ କରିବା ସହିତ ତା'ନିକଟରୁ ୧୨୨ ଗ୍ରାମ ବ୍ରାଉନସୁଗର ଜବତ କରିଥିଲେ। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ୫୧/୨୪ରେ ଏକ ମାମଲା ରୁଜୁ କରାଯିବା ସହିତ ବେପାରୀକୁ ଗିରଫ କରାଯାଇ ଯାଜପୁର କୋର୍ଟକୁ ଚାଲାଣ କରଯାଇଛି। ଉକ୍ତ ଚଢ଼ଉରେ ସବଇନ୍ସପେକ୍ଟର ବିଭୁପ୍ରସାଦ ସାହୁ, ଶ୍ରୀକାନ୍ତ ପଣ୍ଡା, ଏଏସଆଇ କ୍ଷୀରୋଦ କୁମାର ସାହୁ ଓ କର୍ମଚାରୀ ବିକ୍ରମ ବେହେରା, ସତ୍ୟବାଦୀ ଭୋଇ, ଲିପ୍‌ସା ସାହୁ ପ୍ରମୁଖ ସାମିଲ ଥିଲେ।

## ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ; ଥାନାରେ ଅଭିଯୋଗ



**ବ୍ରହ୍ମବରଦା, ୬।୬(ସମିସ)**

ଯାଜପୁର ସଦର ଥାନା ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତର ଜଗତପୁର ଓ ପଦନା ଗ୍ରାମ ମଧ୍ୟଭାଗରେ ଗତକାଲି ବିଳମ୍ବିତ ରାତିରେ ଜଣେ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ କରି ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଗୁରୁତର ହୋଇ ପଡ଼ିଥିବା ସାମ୍ବାଦିକ ଏବେ କଟକ ବଡ ମେଡିକାଲରେ ଜୀବନ ମରଣ ସହ ଲଢ଼େଇ କରୁଛନ୍ତି।

ସୂଚନା ମୁତାବକ, ବ୍ରହ୍ମବରଦା ଥାନା ଅଧୀନସ୍ଥ ରାଉତରାପୁର ପଞ୍ଚାୟତର ଶ୍ୟାମସୁନ୍ଦର ପୃଷ୍ଟିଙ୍କ ବଡ଼ପୁଅ ସାମ୍ବାଦିକ ଚିନ୍ତାମଣି ପୃଷ୍ଟି ଗତକାଲି ବିଳମ୍ବିତ ରାତିରେ ବେରୁଦାରୁ ଖବର ସଂଗ୍ରହ କରି ଘରକୁ ଫେରୁଥିବା ସମୟରେ ୪ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ସଂଘବଦ୍ଧ ଆକ୍ରମଣ କରିଥିଲେ। ବନ୍ଧୁକ ଦେଖାଇ ପିନ୍ଧିଥିବା ସୁନାଚେନ ଓ ନଗଦ ଟଙ୍କା ଛଡାଇ ନେଇଥିବାବେଳେ ତଳେ ପକାଇ ଏକ ଲୁହା ରଡ୍‌ରେ ମୁଣ୍ଡକୁ ପିଟି ଲହୁଲୁହାଣ କରିଥିଲେ। ତାଙ୍କ ମୁଣ୍ଡ ଓ ମୁହଁରେ ଗୁରୁତର ଆଘାତ ଲାଗିଥିବାବେଳେ ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଆସିବା ଦ୍ୱାରା ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ସଦର ଥାନାଙ୍କୁ ଫୋନ କରି ଜଣାଇଥିଲେ। ପରେ ପରିବାର ଲୋକେ ଓ ସଦର ପୋଲିସଙ୍କ ସହାୟତାରେ ତାଙ୍କୁ ଯାଜପୁର ମେଡିକାଲ ନେଇଥିଲେ। ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେ ଏବେ କଟକ ମେଡିକାଲରେ ଜୀବନ ମରଣ ସହିତ ଲଢ଼େଇ କରୁଛନ୍ତି। ଆଜି ତାଙ୍କ ବଡ଼ଭାଇ ତ୍ରୈଲୋକ୍ୟ ନାଥ ପୃଷ୍ଟି ଯାଜପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଏ ନେଇ ସଦର ଥାନା ଅଧିକାରୀ ଶିବାଶିଷ ଦାସ ୧୫୨/୨୪ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ଲୋକଙ୍କ ସହିତ ବ୍ରହ୍ମବରଦା ପ୍ରେସ କ୍ଲବ ଓ ଅନ୍ୟ ସାମ୍ବାଦିକ ଦାବି କରିଛନ୍ତି।



ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା

## ଜଣେ ଚାଳକ ମୃତ, ଅନ୍ୟ ଜଣେ ଆହତ

**ପାଣିକୋଇଲି, ୬।୬ (ସମିସ)**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଥାନାର ଅନତି ଦୂରରେ ବୁଧବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦୁଇଟି ଟ୍ରକ୍ ମଧ୍ୟରେ ଧକ୍କା ହେବା ଫଳରେ ଗୋଟିଏ ଟ୍ରକ୍‌ର ଚାଳକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଚାଳକ ଗୁରୁତର ଆହତ ହୋଇଛନ୍ତି। ଅଗ୍ନିଶମ ବାହିନୀର ପ୍ରଚେଷ୍ଟା ଫଳରେ ଘଣ୍ଟାଏ ପରେ ମୃତ ଦେହ ଉଦ୍ଧାର କରାଯାଇଛି। ଫଳରେ ସାରା ରାତ୍ର ୧୬ନମ୍ବର ଜାତୀୟ ରାଜପଥ ଜାମ ହୋଇଥିବାବେଳେ ପୁଲିସକୁ ନାକେଦମ ହେବାକୁ ପଡ଼ିଥିଲା।

ସୂଚନା ମୁତାବକ, ୧୬ ନମ୍ବର ଜାତୀୟ ରାଜପଥ ପୋଲ ମରାମତି କାମ ଦୀର୍ଘ ମାସ ହେବ ଚାଲୁ ରହିଥିବାରୁ ରାଜପଥର ଗୋଟିଏ ପାର୍ଶ୍ୱ ବନ୍ଦ କରିଦିଆଯାଇଛି। ଫଳରେ ଉଭୟ ପଟର ଗାଡି ଗୋଟିଏ ପଟେ ଯାତାୟାତ କରୁଛି। ବୁଧବାର ରାତି ପ୍ରାୟ ୧୨ଟା ସମୟରେ ଭଦ୍ରକ ପଟୁ ଏକ ମକା ମଞ୍ଜି ବୋଝେଇ ଟ୍ରକ୍ (ଟିଏନ ୫୨ଏଏ ୬୫୮୯) କଟକ ଅଭିମୁଖେ ଯାଉଥିବାବେଳେ ପାଣିକୋଇଲି ପଟୁ ଭଦ୍ରକ ପଟକୁ ଯାଉଥିବା ଏକ ଟ୍ରକ୍ (ଓଡି୦୯ଏଏ୭୫୧୯) ଓଭରଟେକ୍ କରୁଥିବାବେଳେ ହଠାତ ସାମ୍ନାକୁ ମାଡ଼ି ଆସିବାରୁ ଦୁଇ ଟ୍ରକ ମୁହାଁମୁହିଁ ଧକ୍କା ହୋଇଥିଲେ।

ଫଳରେ ତାମିଲନାଡୁ ଗାଡ଼ି ଚାଳକ ଟ୍ରକ୍ ଭିତରେ ଚାପି ହୋଇ ମୃତ୍ୟୁବରଣ କରିଥିବାବେଳେ ଓଡ଼ିଶା ଗାଡ଼ି ଚାଳକ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ଘଣ୍ଟାଏ କାଳ ପରିଶ୍ରମ କରି ମୃତଦେହ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଓଡ଼ିଶା ଗାଡ଼ିର ଚାଳକଙ୍କୁ ମଧ୍ୟ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲା। ସେଠାରେ ଅନେକ ଆମ୍ବୁଲାନ୍ସ ସହିତ ରାଜପଥରେ ନାଇଟ ବସ୍ ଅଟକି ରହିଥିଲା। ଗୋଟିଏ ପଟେ ଉଭୟ ପଟର ଗାଡି ଯାତାୟାତ କରୁଥିବାରୁ ଦୁର୍ଘଟଣା ପରେ ମାତ୍ର ଗୋଟିଏ ଗାଡ଼ି ଯିବା ଭଳି ରାସ୍ତା ରହିଥିଲା। ଫଳରେ ଘଣ୍ଟା ଘଣ୍ଟା ଧରି ରାଜପଥ ବନ୍ଦ ରହିଥିଲା। ପରେ ପୁଲିସ ଗାଡ଼ି ଦୁଇଟିକୁ ରାସ୍ତାରୁ ହଟାଇ ଗାଡ଼ି ଚଳାଚଳ ସ୍ୱାଭାବିକ କରିବାକୁ ଚେଷ୍ଟା କରିଥିଲା। ତେବେ ସକାଳେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।

## ଧର୍ମଶାଳା ନବନିର୍ବାଚିତ ବିଧାୟକଙ୍କ ସାମ୍ବାଦିକ ସମ୍ମିଳନୀ

**ଯାଜପୁର, ୬।୬(ସମିସ):** ଧର୍ମଶାଳା ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିବା ସ୍ୱାଧୀନ ବିଧାୟକ ହିମାଂଶୁ ଶେଖର ସାହୁ ଗୁରୁବାର ସନ୍ଧ୍ୟାରେ ସାମ୍ବାଦିକ ସମ୍ମିଳନୀ କରି ଦଳମତ ନିର୍ବିଶେଷରେ ଧର୍ମଶାଳାର ପ୍ରତିଟି ଲୋକଙ୍କୁ ନେଇ ଧର୍ମଶାଳା ବିକାଶ ରଥକୁ ଆଗକୁ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ନିଜ ବିଜୟ ପାଇଁ ଏହାର ଶ୍ରେୟ ମୁଁ ଧର୍ମଶାଳାବାସୀଙ୍କୁ ଦେବି ଓ ଗଣମାଧ୍ୟମର ଭୂମିକା ମଧ୍ୟ ଅତୁଳନୀୟ ବୋଲି କହିଥିଲେ। ଧର୍ମଶାଳା ଅଞ୍ଚଳରେ ଖଣିଜ ସମ୍ପଦ ଭରି ରହିଛି। ଏବେ ଏସବୁ ଖଣିଜ ସମ୍ପଦରୁ ଗରିବ ଦିନମଜୁରିଆ କିପରି ଉପକୃତ ହୋଇପାରିବେ, ସେ ନେଇ କାର୍ଯ୍ୟ କରାଯିବ। ଏହି ତହସିଲ ଅଞ୍ଚଳର ଥିବା କଳାପଥର ଲୁଟ୍ ନେଇ ୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ହୋଇଥିଲେ ମଧ୍ୟ ଦୁଇଜଣ ତହସିଲଦାର ଓ ୩ ଜଣ ଜିଲ୍ଲାପାଳ ବଦଳି ହୋଇଗଲେ କିନ୍ତୁ ଏହି ଟଙ୍କାକୁ ଆଦାୟ କଲେ ନାହିଁ। ସରକାରଙ୍କ ଏହି ଜରିମାନା ଅର୍ଥ ପୈଠ କରାଯିବାକୁ ସେ ଦାବି କରିଛନ୍ତି।

## ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସ୍ କାମ ମନ୍ଥର

**ବଡ଼ଚଣା, ୬।୬ (ସମିସ)**

ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବଡ଼ଚଣା ବ୍ଲକ ଅନ୍ତର୍ଗତ ସିହାଠାରେ ୭୫ ଏକର ଜମିରେ ଉତ୍କଳ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ପ୍ରତିଷ୍ଠା ପାଇଁ ୨୦୧୭ ଜୁଲାଇ ୩୧ ତାରିଖରେ ତତ୍କାଳୀନ ଉଚ୍ଚ ଶିକ୍ଷାମନ୍ତ୍ରୀ ଅନନ୍ତ ଦାସ ଓ ଓଡ଼ିଶା ସରକାରଙ୍କ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକ ଓ ତତ୍କାଳୀନ ଜିଲ୍ଲାପାଳ ରଞ୍ଜନ କୁମାର ଦାସଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହାକୁ ୫ ବର୍ଷ ମଧ୍ୟରେ ପୂର୍ଣ୍ଣାଙ୍ଗ କରାଯାଇ ଶିକ୍ଷାଦାନ କରାଯିବା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ସରିନାହିଁ। ପରିସର ମଧ୍ୟରେ ଛାତ୍ରାବାସ, ଛାତ୍ରୀ ନିବାସ କାର୍ଯ୍ୟ ସରିଥିଲେ ମଧ୍ୟ ଶିକ୍ଷାଦାନ ଗୃହ ଏପର୍ଯ୍ୟନ୍ତ ଶେଷ ହୋଇନି। ଦୁଇ ଜଣ ଠିକାଦାର ଏହାର କାର୍ଯ୍ୟ କରିଥିଲେ ମଧ୍ୟ ଛାତ୍ରାବାସଟି ପୂର୍ଣ୍ଣାଙ୍ଗ ହୋଇଛି। ମାତ୍ର ବ୍ୟବହାର ଉପଯୋଗୀ ନ ହେବାରୁ ସେଠାରେ ଗଛଲତା ମାଡି ଭୂତକୋଠି ସଦୃଶ ଦୃଶ୍ୟମାନ ହେଉଛି। ଏହାର ପରିସରରେ ଅସମାଜିକ ଯୁବକଙ୍କ ଦୌରାମ୍ୟ, ଠିକାଦାରଙ୍କୁ ମୋଟା ଅଙ୍କର



ଚାନ୍ଦା ମାଗିବା, ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଇଟା, ବାଲି ଓ ଚିପ୍‌ସକୁ ସ୍ଥାନୀୟ ଯୁବକ ଜୋର ଜବରଦସ୍ତି ଯୋଗାଣ କରିବା ପାଇଁ ଠିକାଦାରଙ୍କ ଉପରେ ଚାପ ସୃଷ୍ଟି କରିବା ଓ ସ୍ଥାନୀୟ ଯୁବକଙ୍କୁ ସେଠାରେ ନିଯୁକ୍ତି ନେଇ ବହୁ ସମୟରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ଫଳରେ ନିର୍ମାଣ କାର୍ଯ୍ୟରେ ବାରମ୍ବାର ବିଳମ୍ବ ହେଉଛି। କାର୍ଯ୍ୟ ଦାୟିତ୍ୱରେ ଥିବା ବାହାର ଠିକାଦାର ସ୍ଥାନୀୟ ଅଞ୍ଚଳର କେତେକ ମୁଷ୍ଟିମେୟ ଲୋକେ ଏପରି ଘଟଣା ଘଟାଉଥିବାବେଳେ ଠିକାଦାର ପୁଲିସକୁ ଜଣାଇଲେ କୌଣସି ସୁଫଳ ମିଳୁନାହିଁ। କାର୍ଯ୍ୟର ମନ୍ଥରତା ପାଇଁ ଯେଉଁ କାର୍ଯ୍ୟ ଗୁଡିକ ସରିଗଲାଣି, ସେଗୁଡିକ ପୁଣିଥରେ ଭାଙ୍ଗିରୁଜି ଗଲାଣି। ଏଣୁ ତୁରନ୍ତ ଏହି କାର୍ଯ୍ୟ ସାରିବା ପାଇଁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

## ଦୋକାନ କାନ୍ଥ ତାଡ଼ି ଲୁଟ୍

**ଦଶରଥପୁର, ୬।୬(ସମିସ):** ମଙ୍ଗଳପୁର ଥାନା ଅଧୀନ ମଙ୍ଗଳପୁର ବଜାରରେ ଥିବା ଏକ ତେଜରାତି ଦୋକାନ ଘର ତାଡ଼ି ଭାଙ୍ଗି ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀକୁ କେହି ଦୁର୍ବୃତ୍ତ ଲୁଟିନେଇଥିବା ବ୍ୟବସାୟୀ ଶରତ ସାହୁ ମଙ୍ଗଳପୁର ଥାନାରେ ଅଭିଯୋଗ କରିଛନ୍ତି। ମଙ୍ଗଳପୁର ଥାନା ଧନିପୁର ଗ୍ରାମର ଶରତ ସାହୁ ମଙ୍ଗଳପୁର ବଜାରରେ ଏକ ତେଜରାତି ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ଶରତ ଦୈନିକ ସକାଳ ୯ଟାରେ ଦୋକାନ ଖୋଲି ବ୍ୟବସାୟ ପରେ ରାତ୍ର ୯ଟାରେ ଦୋକାନ ବନ୍ଦ କରି ଘରକୁ ଯାଆନ୍ତି। ୫ ତାରିଖ ରାତି ୯ଟାରେ ଶରତ ଦୋକାନରେ ଚାବି ପକାଇ ଘରକୁ ଯାଇଥିଲେ। ବିଳମ୍ବିତ ରାତ୍ରିରେ ତାଙ୍କ ଦୋକାନ କାନ୍ଥ ଭାଙ୍ଗି ଦୋକାନରୁ ଚୋରି ହୋଇଥିବା ବଜାରର ଜଣେ ବ୍ୟବସାୟୀଙ୍କଠାରୁ ସୂଚନା ପାଇ ଶରତ ଦୋକାନ ଭିତରୁ ନଗଦ ୧୮ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସମେତ ଅନ୍ୟାନ୍ୟ ସମାଗ୍ରୀ କେହି ଦୁର୍ବୃତ୍ତ ଚୋରି କରିନେଇଥିବା ଦେଖିବା ପରେ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ୍ ତଦନ୍ତ ଆରମ୍ଭ କରିଛି।

● ନିର୍ବାଚନ ପରବର୍ତ୍ତୀ ହିଂସା ସନ୍ଦେହ

## ସଂଘବଦ୍ଧ ଆକ୍ରମଣରେ ଶ୍ରମିକ ନେତା ଗୁରୁତର

**କାଳିଆପାଣି, ୬।୬(ସମିସ):** ଆଜି କାଳିଆପାଣି ଖଣି ଅଞ୍ଚଳରେ ଏକ ହିଂସାକାଣ୍ଡ ଘଟିଯାଇଛି। କାଳିଆପାଣି କଲୋନୀ ମଧ୍ୟରେ ଥିବା ଶ୍ରମିକ ସଂଗଠନ ଏସଆର ସିକେଏମଏସ ଅଫିସ ମଧ୍ୟରେ ପଶି ଶ୍ରମିକ ନେତା ଭରତ ଚନ୍ଦ୍ର ମହାନ୍ତଙ୍କ ଉପରେ ଯୋଜନାବଦ୍ଧ ଭାବେ ଆକ୍ରମଣ କରାଯାଇଛି। ସେ ଅଫିସରେ ବସିଥିବାବେଳେ ତାଙ୍କୁ ଅଜଣା ଦୁର୍ବୃତ୍ତ ଆସି ଆକ୍ରମଣ କରିଥିଲେ। ତାଙ୍କର ମୁଣ୍ଡରେ ଗଭିର ଆଘାତ ଲାଗିଛି। ଏ ନେଇ ଭରତ କାଳିଆପାଣି



ଥାନାରେ ଏତଲା ଦେଇଛନ୍ତି। ଏହା ଏକ ନିର୍ବାଚନୀ ହିଂସା ବୋଲି ସନ୍ଦେହ କରାଯାଉଛି। କାଳିଆପାଣି ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ନିଟ୍ ପରୀକ୍ଷାରେ ଜୈଦ କୃତକାର୍ଯ୍ୟ

**ବ୍ରହ୍ମବରଦା, ୬।୬ ( ସମିସ):** ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତର ବଡ଼ ପଠାନମହଲାସ୍ଥ ମହମ୍ମଦ ଅମୀରୁଜମା ଓ ଆୟେସ ପରବିନଙ୍କ ପୁଅ ମହମ୍ମଦ ଜୈଦ ଖାନ ନିଟ୍ ପରୀକ୍ଷାରେ ୯୯.୯୮୭% ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇ ଓଡ଼ିଶା ଟପ୍ପର ଓ ସାରା ଭାରତରେ ୨୧୭ ନମ୍ବର ର୍‌ୟାଙ୍କ ହାସଲ କରିଛନ୍ତି। ସେ ଟାଟା ଜାମସେଦପୁରସ୍ଥ ଲୋଏଲା କନଭେଣ୍ଟ ସ୍କୁଲରୁ ଦଶମ ଶ୍ରେଣୀରେ ୨୦୨୨ରେ ୯୪% ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। +୨ ପାଠ୍ୟକ୍ରମ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ ଭୁବନେଶ୍ୱରରୁ ଚଳିତ ବର୍ଷ ୯୭.୪% ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ ଓ ଏଥିସହିତ ନିଟ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ। ତାଙ୍କ ପରିଶ୍ରମର ଫଳ ମିଳିଛି। ବାପା ଜାମସେଦପୁରସ୍ଥ ଟାଟା ଷ୍ଟିଲ କମ୍ପାନୀରେ ସିନିଅର ଟେକନିସିଆନ (ମେକାନିକାଲ ମେଣ୍ଟେନାନ୍ସ) ଭାବେ କାର୍ଯ୍ୟରତ ଅଟନ୍ତି। ମାଆ ଗୃହିଣୀ। ମହମ୍ମଦ ଜୈଦ ନିଟ୍‌ରେ ସଫଳ ହେବା ଖବର ଶୁଣି ବ୍ରହ୍ମବରଦା ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

## ଯୁବକଙ୍କ ମୃତଦେହ ଉଦ୍ଧାର

**ଟମକା, ୬।୬(ସମିସ):** ସ୍ଥାନୀୟ ଥାନା ଅନ୍ତର୍ଗତ ଉପର ଟମକା ପଥରଛଇ ରାସ୍ତା ପାଖ ଏକ ଗଛରୁ ଯୁବକଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଟମକା ପୁଲିସ୍ ଉଦ୍ଧାର କରିଛି। ସୂଚନା ମୁତାବକ, ଗତକାଲି ସକାଳୁ ସ୍ଥାନୀୟ ଲୋକ ଜଣେ ଯୁବକଙ୍କ ମୃତଦେହ ଦେଖି ସ୍ଥାନୀୟ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଆଇଆଇସି ଶଙ୍କର୍ଷଣ ଦଳାଇ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସାଇଣ୍ଟିଫିକ୍ ଟିମ୍ ଆସିବା ପରେ ମୃତଦେହକୁ ଉଦ୍ଧାର କରି ଦାନଗଦି ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡ଼ିଛି। ଏହି ମୃତଦେହ ମାଟିଆପଦା ଗ୍ରାମର ସୁଶାନ୍ତ କାରୁଆ (୨୫)ଙ୍କର ବୋଲି ଜଣାପଡ଼ିଛି। ମୃତକଙ୍କ ସମ୍ପର୍କୀୟ ଦାଦା ଟମକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଅନ୍ୱେଷଣ ଥିଏଟର ଗ୍ରୁପ୍ ପକ୍ଷରୁ ଜଳସେବା



**ଯାଜପୁର, ୬।୬ (ସମିସ):** ଯାଜପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ପବିତ୍ର ସାବିତ୍ରୀ ବ୍ରତ ଉପଲକ୍ଷେ ଦହି ସର୍ବତ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, ଉପଦେଷ୍ଟା ହରିହର ସ୍ୱାଇଁ, ଉପେନ୍ଦ୍ର କୁମାର ଜେନା, କିଶୋର ଦାସ, ଗୋପାଳ ଚନ୍ଦ୍ର ବେହେରା, ଆଦିକନ୍ଦ ପଣ୍ଡା, ରଜତ କୁମାର ମିଶ୍ର, ସୁକାନ୍ତ ରାଉତ, ତାରାକାନ୍ତ ମଲ୍ଲିକ, ଗୌତମ ବିକାଶ ମହାନ୍ତି, ଗୌତମ ମହାରଣ୍ୟ, ଅଶୋକ କୁମାର ପାଣିଗ୍ରାହୀ, ସ୍ୱାତୀ ପଣ୍ଡା, ମାମାଲି ସାହୁ, ସକୁନ୍ତଳା ବେହେରା, ଦମୟନ୍ତୀ ରାଉତ, ମମତାରାଣୀ ଜେନା, ସଞ୍ଜୁକ୍ତା ପଣ୍ଡା, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ରାଉତରାୟ, ଅଧ୍ୟାପିକା ବିଜୟିନୀ ପାକିଜା ସାମଲ, ପୂର୍ଣ୍ଣିମା ମଲ୍ଲିକ ପ୍ରମୁଖ ସାମିଲ ଥିଲେ। ପ୍ରବଳ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ମା'ବିରଜାଙ୍କ ପରିସରରେ ଅନୁଷ୍ଠାନ ପକ୍ଷରୁ ଏହି ଜଳସେବା କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି। ସମ୍ପାଦକ ଅଭିମନ୍ୟୁ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମା' ବିରଜାଙ୍କ ପୀଠରେ ସାବିତ୍ରୀ ବ୍ରତ





**ଯାଜପୁର, ୬।୬(ସମିସ)**

ଆଜି ଯାଜପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ପବିତ୍ର ପାରମ୍ପାରିକ ସାବିତ୍ରୀ ବ୍ରତ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଯାଇଛି। ଭୋର ୩ ଘଟିକା ସମୟରୁ ମା'ଙ୍କ ସ୍ନାନ ପରେ ବଡ଼ସିଂହାର ବେଶ, ସାବିତ୍ରୀ ବେଶ, ସ୍ୱର୍ଣ୍ଣ ଅଳଙ୍କାର ବେଶ, ଚନ୍ଦନ ଲାଗି ବେଶ, ପ୍ରତ୍ୟୁଷ ୫ଟା ୩୦ ମିନିଟ୍ ସମୟରେ ଅନ୍ନ ନୈବେଦ୍ୟ ପରେ ଭକ୍ତ ଦର୍ଶନ ପାଇଁ ଦ୍ୱାର ଖୋଲା ରହି ଦିବା ୧ଟାରେ ପହୁଡ଼ ପଡ଼ିଥିଲା। ପୁନର୍ବାର ଅପରାହ୍ନ ୩ଟାରେ ପହୁଡ ଖୋଲା ଯାଇ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ଛଡ଼ାଯାଇଥିଲା। ସନ୍ଧ୍ୟା ୬ଟାରେ ସନ୍ଧ୍ୟା ଆଳତୀ, ରାତ୍ର ୮ଟା ୩୦ରେ ପୁନର୍ବାର ମା'ଙ୍କ ବଡ଼ସିଂହାର ଖୋଲାଯାଇ ନୂତନ ବଡ଼ସିଂହାର ବେଶ କରାଯାଇ ଅନ୍ନ ନୈବେଦ୍ୟ ଲାଗି କରାଯାଇଥିଲା। ରାତ୍ର ୧୦ ଘଟିକା ସମୟରେ ମା'ଙ୍କ ପଲଙ୍କ ଟଣା ଯାଇ ମନ୍ଦିର ପହଡ଼ ପଡ଼ିଥିଲା। ଆଜିର ଏହି ପବିତ୍ର ଦିବସରେ ମହିଳାଙ୍କ ଭିଡ଼ ଲାଗିଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।

## ମହିଳାଙ୍କ ପ୍ରବଳ ଭିଡ଼, ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ମନ୍ଦିର ଟ୍ରଷ୍ଟି ଉପଜିଲ୍ଲାପାଳ ଅଂଶୁମାନ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାହୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ସହକାରୀ ଜିଲ୍ଲାପାଳ ଶୁଭକାନ୍ତ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ପୁଲିସ କର୍ମଚାରୀ, ଅଗ୍ନିଶମ ସେବା କର୍ମଚାରୀ, ଜନସ୍ୱାସ୍ଥ୍ୟ, ପୌର ସଂସ୍ଥା, ବିଦ୍ୟୁତ ବିଭାଗ, ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲାର ସତ୍ୟସାଇ ସେବା ଦଳ, ଡ୍ରାଇଭର ମହାସଂଘ, ଅନ୍ୱେଷଣ ଥିଏଟର ଗ୍ରୁପ, ମା' ଟିଭି ସେବାସଂସ୍ଥା, ନାୟକ ବ୍ରଦର୍ସ ସେବା ଓ ମା' ପୂର୍ଣ୍ଣ୍ୟତୋୟା ସେବା ସମିତି ସ୍ୱେଚ୍ଛାସେବୀ ସହଯୋଗ ପ୍ରଦାନ କରିଥିଲେ। ସେହିପରି ମନ୍ଦିର ଟ୍ରଷ୍ଟି କର୍ମଚାରୀ ମଳୟ ପଣ୍ଡା, ଶ୍ରୀକାନ୍ତ ପତି, ପ୍ରଭାତ କୁମାର ପତି, ରତିକାନ୍ତ ସେଠୀ, ଚନ୍ଦନ କୁମାର ଦୀକ୍ଷିତ, ରମାନନ୍ଦ ମହାନ୍ତି, ସୁଧା ରଞ୍ଜନ ପଣ୍ଡା ପ୍ରମୁଖ ମନ୍ଦିର ଟ୍ରଷ୍ଟି କାର୍ଯ୍ୟ ସମ୍ପାଦନରେ ସହଯୋଗ ପ୍ରଦାନ କରିଥିବାବେଳେ ସେବାୟତ ନଗେନ୍ଦ୍ର ଭୂଷଣ କର, ଦେବୀ ପ୍ରସାଦ ପାଣି, ପଦ୍ମନାଭ ପାଣିଗ୍ରାହୀ ଦିଗମ୍ବର ପାଣି, ଦୂତିସୁନ୍ଦର ପାଣି, ଗିରିଜା ପ୍ରସାଦ ପାଣି, ଜଗନ୍ନାଥ ପାଣି ପ୍ରମୁଖ ମା'ଙ୍କ ରୀତିନୀତିରେ ସହଯୋଗ କରିଥିଲେ।

## ବିଜେପି କର୍ମୀଙ୍କ ହିଂସାକାଣ୍ଡ

**ଟମକା, ୬।୬(ସମିସ):** ସୁକିନ୍ଦା ବିଧାୟକ ଭାବେ ବିଜେପିର ପ୍ରଦୀପ ବଳସାମନ୍ତ ବିଜୟୀ ଲାଭ କରିବା ପରେ ଟମକା ଅଞ୍ଚଳରେ ହିଂସାକାଣ୍ଡ ଦେଖିବାକୁ ମିଳିଛି। ଗତ ୪ ତାରିଖ ଦିନ ବିଜେପି କର୍ମୀ ଟମକା ଛକରେ ଏକାଠି ହୋଇ ବାଣ ଫୁଟାଇ ଖୁସି ମନାଇଥିଲେ। ଏହି ସମୟରେ କିଛି ବିଜେପି କର୍ମୀ ଉତ୍ତ୍ୟକ୍ତ ହୋଇ ଟମକା ଛକରେ ଥିବା ବିଜେଡି କାର୍ଯ୍ୟାଳୟକୁ ଯାଇ କବାଟ ଭାଙ୍ଗିବା ସହିତ ଆସବାବପତ୍ର ଭାଙ୍ଗିଥିଲେ। ପରେ କିଛି ଅସାମାଜିକ ବ୍ୟକ୍ତି ଦୋକାନ ଘର ଭାଙ୍ଗି ଫ୍ରିଜ୍ ଭାଙ୍ଗିଥିଲେ। ଏତିକିରେ ସେମାନେ ଶାନ୍ତ ପଡ଼ି ନ ଥିଲେ। ଟମକା ଛକ ପାଖରେ ଥିବା ଦେଉଳକଣ ପଞ୍ଚାୟତର ନୂତନ ବିଜେଡି କାର୍ଯ୍ୟାଳୟରେ ତାଲା ଭାଙ୍ଗି ଆସବାବପତ୍ରକୁ ନିଆଁ ଲଗାଇବା ସହ ଜଣେ ବ୍ୟକ୍ତିଙ୍କ ଆଜ୍‌ବେଷ୍ଟସ ଭାଙ୍ଗି ଛାତଘର ଉପରେ ଥିବା ପାଣି ଟାଙ୍କି ଭାଙ୍ଗି ତଳେ ପକାଇଥିଲେ। କିଛି ଅସାମାଜିକ ଯୁବକ କିଛି ନିର୍ଦ୍ଦିଷ୍ଟ ବିଜେଡି ପରିବାର ଘର ଉପରକୁ ଢେଲାପଥର ମାଡ଼ କରିବା ସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଆତଙ୍କ ସୃଷ୍ଟି କରିଥିଲେ। ଖବରପାଇ ଟମକା ପୁଲିସ୍ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଟମକା ଛକରେ ଏପରି ଘଟଣାର ଖବର ଚାରିଆଡେ ବ୍ୟାପିବା ପରେ ଗୋବର୍ଦ୍ଧନପୁର, ଯଅଁରରେ ବିଜେପି କର୍ମୀ ଅତ୍ୟଧିକ ଖୁସିରେ ବିଜେଡି ଦୋକାନକୁ ବନ୍ଦ କରିଥିଲେ। ଛକ ଉପରେ ଆଶାଳୀନ ମନ୍ତବ୍ୟକୁ ସାଧାରଣ ଲୋକେ ପ୍ରତିବାଦ କରିଥିଲେ। ଏପରି କାର୍ଯ୍ୟକଳାପକୁ ସାଧାରଣରେ ନିନ୍ଦା କରାଯାଇଛି।

## ସାବିତ୍ରୀ ବ୍ରତ ପାଳିଲେ ଯାଜପୁର ବିଧାୟିକା




**ଯାଜପୁର ଟାଉନ, ୬।୬(ସମିସ):** ଯାଜପୁରର ନବନିର୍ବାଚିତ ବିଧାୟିକା ସୁଜାତା ସାହୁ ଆଜି ନିଜର ସାବିତ୍ରୀ ବ୍ରତ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ମନ୍ଦିରରେ ପାଳନ କରିଛନ୍ତି। ସେ ଆଜି ସକାଳୁ ମନ୍ଦିର ଯାଇ ଅନ୍ୟ ଶଦ୍ଧାଳୁଙ୍କ ଭଳି ଧାଡ଼ିରେ ରହି ମା' ବିରଜାଙ୍କ ଦର୍ଶନ କରିଥିଲେ। ମା'ଙ୍କ ସେବାୟତ ବିଧାୟିକାଙ୍କୁ ଦର୍ଶନ କରାଇ ଆଶୀର୍ବାଦ ପ୍ରଦାନ କରିଥିଲେ। ଏ ଅବସରରେ ମନ୍ଦିର ପରିସରରେ ବିଧାୟିକା ପୂର୍ଣ୍ଣ୍ୟତୋୟା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଜଳ ସେବା କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରଦ୍ଧାଳୁଙ୍କୁ ଜଳ ବଣ୍ଟନ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଦୁଇ ଗୁରୁତର





**ସୁକିନ୍ଦା, ୬।୬(ସମିସ):** ୫୩ନଂ ଜାତୀୟ ରାଜପଥ ସୁକିନ୍ଦା-ଭୁବନ ରାସ୍ତାର ସୁକିନ୍ଦା ଛକ ନିକଟରେ ଦୁର୍ଘଟଣା ଘଟି ଦୁଇ ବାଇକ୍ ଆରୋହୀ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୁକିନ୍ଦା-ଭୁବନ ରାସ୍ତାର ସୁକିନ୍ଦା ଛକ ନିକଟ ରେଙ୍ଗାଲି କେନାଲ ପୋଲ ନିକଟରେ ଏହି ଦୁର୍ଘଟଣା ଘଟିଛି। ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ସମିଲ ସାହିର ଶ୍ରୀକାନ୍ତ ତିରିଆ(୧୮) ଓ ଦେବା ତିରିଆଙ୍କ ପୁଅ ରୀଙ୍କୁନ ତିରିଆ(୧୮) ଗୁରୁବାର ସନ୍ଧ୍ୟାରେ ଡୁବୁରୀ ଯାଉଥିବା ସମୟରେ ସୁକିନ୍ଦା ଛକ ନିକଟ ରେଙ୍ଗାଲି ପୋଲ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ଆହତ ହୋଇଥିଲେ। ଉଭୟ ଯୁବକଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଦମକଳ ବାହିନୀ କର୍ମଚାରୀଙ୍କ ସହାୟତାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ରିଙ୍କୁନଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ସେହି ସ୍ଥାନରେ ଆବଶ୍ୟକୀୟ ସୂଚନା ଫଳକ ନ ଥିବାରୁ କ୍ରମାଗତ ଭାବେ ଦୁର୍ଘଟଣା ଘଟି ଧନ ଜୀବନ ହାନି ହେଉଥିବା ଦେଖିବାକୁ ମିଳିଛି। ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

## ହାତୀବାରିରେ ବିଜେପି କର୍ମୀଙ୍କ ଦାଦାଗିରି

**ହାତୀବାରି, ୬।୬ (ସମିସ):** ହାତୀବାରି ଗ୍ରାମ ଦୁର୍ଗା ଛକ ପାଖ କଲ୍ୟାଣୀ ମଣ୍ଡପ ଆଗରେ କୃଷ୍ଣଚନ୍ଦ୍ର ଦଳାଇଙ୍କ ପୁତ୍ର ଅକ୍ଷୟ କୁମାର ଦଳାଇ ଏକ ଉଠା ଦୋକାନ (ମାଛ ବେପାର) କରି ପରିବାର ଚଳାଉଥିଲେ। ନିର୍ବାଚନ ପାଇଁ କିଛି ଦିନ ହେବ ଦୋକାନ ବନ୍ଦ ରହିଥିଲା। ନିର୍ବାଚନରେ ବିଜେପି ପ୍ରାର୍ଥୀ ଜିତିବା ପରେ ତାଙ୍କ ସମର୍ଥକ ଆରମ୍ଭ କରିଦେଇଛନ୍ତି ଦୌରାମ୍ୟ। ଅକ୍ଷୟଙ୍କ ଦୋକାନ ଭାଙ୍ଗିବା ପରେ କଲ୍ୟାଣ ମଣ୍ଡପରେ ଥିବା ମାର୍କେଟ କମ୍ପ୍ଲେକ୍ସ ଦୋକାନକୁ ତାଲା ପକାଇ ବନ୍ଦ୍ କରିଦେଇଛନ୍ତି। ଦୁଇଦିନ ହେବ ଦୋକାନୀ ଦୋକାନ ଖୋଲି ନ ପାରି ହନ୍ତସନ୍ତ ହେଉଛନ୍ତି। ଜିତିବାର ଦିନଟିଏ ଆରମ୍ଭ ନ ହେଉଣୁ ଆରମ୍ଭ ହୋଇଯାଇଛି ଆତଙ୍କରାଜ। ବେପାରୀଙ୍କ ପରିବାର ଓ ଆତଙ୍କିତ ଲୋକ ଏହାର ବିହିତ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି।

## ବିଜେପିକୁ ଭୋଟ ନ ଦେବାରୁ ଆକ୍ରମଣ

**ରାଜନଗର, ୬।୬ (ସମିସ):** ରାଜନଗର ନିର୍ବାଚନମଣ୍ଡଳୀର ରାଜନଗର ବ୍ଲକରେ ନିର୍ବାଚନ ପରବର୍ତ୍ତୀ ହିଂସା ଦେଖିବାକୁ ମିଳିଛି। ଜଣେ ମହିଳା ପଦ୍ମ ଚିହ୍ନରେ ଭୋଟ ଦେଇନଥିବାରୁ ଅନ୍ୟଜଣେ ମହିଳା ତାଙ୍କୁ ଲୁହା ରଡରେ ଆକ୍ରମଣ କରି ତାଙ୍କ ମୁଣ୍ଡ ଫଟାଇ ଦେଇଛନ୍ତି। ରାଜନଗର ଥାନାରେ ଗୁପ୍ତି ପଞ୍ଚାୟତ ଦେବେନ୍ଦ୍ରନାରାୟଣପୁର ଗାଁର ନିର୍ମଳ ପରମାଣିକଙ୍କ ପତ୍ନୀ ଲତା ପରମାଣିକ କରିଥିବା ଅଭିଯୋଗ ମୁତାବକ ଗତମାସ ୩୦ ତାରିଖ ଦିନ ସେହି ଗାଁର ମହେନ୍ଦ୍ର ମିସ୍ତ୍ରୀଙ୍କ ପତ୍ନୀ ତୁଳସୀ ମିସ୍ତ୍ରୀ ତାଙ୍କ ପାଖରେ ପହଞ୍ଚି ପଦ୍ମରେ ଦୁଇଟି ଭୋଟ ଦେବାକୁ କହିଥିଲେ। ମୁଁ ବିଜେଡି ଲୋକ ଶଙ୍ଖ ଚିହ୍ନରେ ଭୋଟ ଦେବି ବୋଲି ତୁଳସୀଙ୍କୁ ସଫା ସଫା କହିଥିଲା। ଆଜି ଦିନ ପ୍ରାୟ ୧୦ଟା ୩୦ ମିନିଟରେ ତୁଳସୀ ମିସ୍ତ୍ରୀ ଲତାଙ୍କ ଘର ପାଖରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ଘରେ ପଶି ଲୁଗାପଟା ଚିରି ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଲୁହାରଡରେ ମୁଣ୍ଡ ଓ ହାତକୁ ଶକ୍ତ ପ୍ରହାର ଦେଇଥିଲେ। ଲୁହାରଡ ମାଡରେ ଲତାଙ୍କ ମୁଣ୍ଡ ଫାଟିଥିବା ବେଳେ ହାତ ମଧ୍ୟ ଫୁଲି ଯାଇଛି। ଲତାଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ନିର୍ବାଚନ ଫଳାଫଳକୁ ନେଇ ଚାଲିଛି ଆତ୍ମସମୀକ୍ଷା



**ଯାଜପୁର, ୬।୬(ସମିସ):** ସାଧାରଣ ନିର୍ବାଚନର ଫଳ ଘୋଷଣା ହେବାକୁ ୨ ଦିନ ବିତିଗଲାଣି। କିନ୍ତୁ ଏହି ନିର୍ବାଚନ ଫଳାଫଳକୁ ନେଇ ଚାରିଆଡେ ଚର୍ଚ୍ଚା ଜୋର ଧରିଛି। ଏହି ନିର୍ବାଚନରେ ବିଜେଡି ୩ଟି ବିଧାୟକ ଆସନ ପାଇଥିବାବେଳେ ବିଜେପି ମଧ୍ୟ ୩ଟି ଆସନ ପାଇଛି। ସାଂସଦ ଆସନକୁ ବିଜେପି ଦଖଲ କରିଥିବାବେଳେ ଅନ୍ୟଏକ ବିଧାୟକ ଆସନକୁ ସ୍ୱାଧୀନ ପ୍ରାର୍ଥୀ ଦଖଲ କରିଛନ୍ତି। ତେବେ ବିଜୁ ଜନତା ଦଳର ଗଡ଼ କୁହାଯାଉଥିବା ଯାଜପୁର ଜିଲ୍ଲାରେ ବିଜେପି କିଭଳି ପ୍ରବେଶ କଲା ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। କ'ଣ ରହିଛି ପରାଜୟର କାରଣ, ସେ ନେଇ ବିଜୁ ଜନତା ଦଳର ସମସ୍ତ ନେତା ଆତ୍ମ

### ଛକ ବଜାରରେ ଚାଲିଛି ଚର୍ଚ୍ଚା

ସମୀକ୍ଷାରେ ବ୍ୟସ୍ତ ଅଛନ୍ତି। ଆଜି ଷଠିପୁର ଅଞ୍ଚଳରେ ବିଜୁ ଜନତା ଦଳ ପକ୍ଷରୁ ଏ ନେଇ ଏକ ସମୀକ୍ଷା ବୈଠକ କରାଯାଇଛି। ଯେଉଁଥିରେ ପ୍ରତ୍ୟେକ ପଞ୍ଚାୟତ ସ୍ତରୀୟ କର୍ମୀ ସେମାନଙ୍କ ପଞ୍ଚାୟତର ପ୍ରଦର୍ଶନ ନେଇ ରିପୋର୍ଟ ପ୍ରଦାନ କରିଥିଲେ। ନିଜ ପଞ୍ଚାୟତରେ ରହିଥିବା ଦଳୀୟ ଦୁର୍ବଳତାକୁ ଆଗାମୀ ଦିନରେ କିଭଳି ସଂଶୋଧନ କରାଯାଇ ସଂଗଠନକୁ ମଜବୁତ କରାଯିବ, ସେ ନେଇ ରଣନୀତି ପ୍ରସ୍ତୁତ କରାଯିବାକୁ ନେଇ ନିଷ୍ପତ୍ତି ହୋଇଥିଲା। ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସମ୍ବଲପୁରକୁ ଲଢ଼ିବାକୁ ଯିବା ଦ୍ୱାରା ବିରୋଧୀ ଅଧିକ ସକ୍ରିୟ ହେଲେ ବୋଲି କର୍ମୀ ମତ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଶାସକ ବିଜେପି ଦଳର ଦୋଷ ଦୁର୍ବଳତାକୁ ଧରି କର୍ମୀଙ୍କୁ ଏକତ୍ରିତ କରିବାକୁ ନିଷ୍ପତ୍ତି ହୋଇଥିଲା।

## ବିଶ୍ୱ ପରିବେଶ ଦିବସ
## ଚାରାରୋପଣ ଓ ଚିତ୍ରାଙ୍କନ ପ୍ରତିଯୋଗିତା



**ଦାନଗଦି, ୬।୬(ସମିସ):** ବିଶ୍ୱ ପରିବେଶ ଦିବସ ଉପଲକ୍ଷେ କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ସ୍ୱିଙ୍ଗଭିଲା ଆପାର୍ଟମେଣ୍ଟ ପରିସରରେ ସୋସାଇଟି ପରିବାର ସଦସ୍ୟଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋସାଇଟିର ସଭାପତି ଶଙ୍କର ବିଶ୍ୱାସ, ସମ୍ପାଦକ ଲୋକନାଥ ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ହରିଓମ୍ ଶର୍ମା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆପାର୍ଟମେଣ୍ଟ ଚତୁଃପାର୍ଶ୍ୱରେ ବ୍ୟାପକ ଗଛ ରହିଲେ ସୋସାଇଟିର ପରିବେଶ ଠିକ୍ ରହିବା ସହ ପ୍ରଦୂଷଣ ମୁକ୍ତ ଜୀବନଯାପନ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଏ ଉପଲକ୍ଷେ ପରିବେଶ ଉପରେ ଆୟୋଜିତ ଆର୍ଟ ପ୍ରତିଯୋଗିତାକୁ ଦେବ ଇଣ୍ଟରନ୍ୟାସନାଲ ସ୍କୁଲର ଡ୍ରଇଂ ଶିକ୍ଷକ ଉଦୟ ସାର ପରିଚାଳନା କରିଥିଲେ। ପରେ ସୁନ୍ଦର ଆର୍ଟ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ବିଶ୍ୱ ପରିବେଶ ଦିବସ ପାଳିତ

**କେନ୍ଦ୍ରାପଡ଼ା, ୬।୬(ସମିସ):** ବିଶ୍ୱ ପରିବେଶ ଦିବସ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ଏସବିଆଇ ରିଜିନାଲ ବ୍ରାଞ୍ଚ ଅଫିସ ପାରାଦୀପ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଆରବିଓ ପାରାଦୀପର ପରିଚାଳକ ଦେବାଶିଷ ରଥ, କେନ୍ଦ୍ରାପଡ଼ା ଏସବିଆଇ ଜିଲ୍ଲା ପରିଚାଳକ ମନୋଜ ପ୍ରଧାନ, ଆରଏସଇଟିଆଇର ଶାଖା ପରିଚାଳକ ପ୍ରଶାନ୍ତ ବେହେରା, ୱେୟ ଟୁ ଆଇଏସଆର ଫାଉଣ୍ଡେସନର ଉପସଭାପତି ଆଲୋକ କର ପ୍ରମୁଖ ଯୋଗଦାନ ଦେଇ ୬୦ଟିରୁ ଅଧିକ ସୁସ୍ୱାଦୁ ଫଳନ୍ତି ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମାଜର ପ୍ରତ୍ୟେକ ବ୍ୟକ୍ତି ବିଶେଷ ଯେଉଁଭଳି ଭାବେ ବ୍ୟକ୍ତିଗତ ଭାବେ ନିଜ ନିଜ ପ୍ରତିଷ୍ଠାନ, ସ୍କୁଲ, କଲେଜ, ଅଫିସ ଆଦି ସ୍ଥାନରେ ୫ଟି ଗଛ ଯଦି ରୋପଣ କରିପାରିବେ ତାହାହେଲେ ଏକ ସୁସ୍ଥ ଓ ସବୁଜ ବଳୟ ପରିବେଶ ସୃଷ୍ଟି ହୋଇପାରିବ।

## ଜରାଜୀର୍ଣ୍ଣ ଅବସ୍ଥାରେ ଦିଗି ପୋଖରୀ
# ଅଧାରୁ ବନ୍ଦ ହୋଇଗଲା ପାର୍କ

**ଗରଦପୁର, ୬।୬(ସମିସ)**



ଜିଲ୍ଲା ପ୍ରଶାସନର ଆଢୁଆଳରେ ରହିଛି ଗରଦପୁର ପଞ୍ଚାୟତ।ଜିଲ୍ଲାର କୋଣ ଅନୁକୋଣରେ ପୋଖରୀ ସୌନ୍ଦର୍ଯ୍ୟକରଣଠାରୁ ଆରମ୍ଭ କରି ପାର୍କ ନିର୍ମାଣ ହୋଇଛି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି। ହେଲେ ଗରଦପୁର ବ୍ଲକ ଅଧିନ ଗରଦପୁର ପଞ୍ଚାୟତରେ ବୃହତ୍ତମ ଦିଗି ପୋଖରୀର ସୌନ୍ଦର୍ଯ୍ୟକରଣ କରାଗଲାନି। ବର୍ତ୍ତମାନ ଦିଗୀ ପୋଖରୀ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଜିଲ୍ଲାର ଏକ ବୃହତ୍ତମ ପୋଖରୀକୁ ଜାଣିଶୁଣି ପ୍ରଶାସନ ନଷ୍ଟ କରିଦେଇଛି। ନା' ଏହି ପୋଖରୀର ଦଳ ସଫା ହେଉଛି ନା ଛଡ଼ାଯାଇଥିବା ମାଛକୁ ଧରାଯାଉଛି। ପ୍ରଶାସନର ଏହି ବୈମାତୃକ ମନୋଭାବକୁ ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ନିକଟରେ ଏହି ପୋଖରୀର ସୋନ୍ଦର୍ଯ୍ୟକରଣ କରାଯିବାକୁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ୧୨ ଏକର ପରିଧିରେ ଥିବା ଏହି ପୁରାତନ ପୋଖରୀରେ ୧୦ରୁ ୧୫ ଫୁଟ ପର୍ଯ୍ୟନ୍ତ ପାଣି ରହିଛି। ରାଜ୍ୟର ବୃହତ୍ତମ ପୋଖରୀ ମଧ୍ୟରେ ଦିଗି ପୋଖରୀର ନାମ ରହିଛି। ଗରଦପୁର ପଞ୍ଚାୟତ ଛଡା ଆଖପାଖର ପ୍ରାୟ ୧୦ ହଜାର ଲୋକେ ଏହି ପୋଖରୀ ଉପରେ ନିର୍ଭର କରନ୍ତି। ନିକଟରେ ଥିବା ଚାରଣ ଭୂମିରେ ଗୃହ ପାଳିତ ପଶୁଙ୍କୁ ଚରେଇବା ସହ ଦିଗି ପୋଖରୀରୁ ପାଣି ପିଇବାକୁ ଦେଇଥାନ୍ତି।ସ୍ଥାନୀୟ ଲୋକମାନେ ଗାଧୁଆ ପାଧୁଆ କରନ୍ତି। ଦିଗି ପୋଖରୀ ନିକଟରେ ଥିବା ଶ୍ମଶାନରେ ମୃତ ଶରୀର ସଂସ୍କାର ପରେ ଏହି ପୋଖରୀର ପାଣି ବ୍ୟବହାର କରାଯାଏ। ସ୍ଥାନୀୟ ଅଞ୍ଚଳରେ ପୂଜା, ମେଳାଠାରୁ ଆରମ୍ଭ କରି ନାମଯଜ୍ଞ ପର୍ଯ୍ୟନ୍ତ କଳସ ବୁଡାଇବା ପର୍ଯ୍ୟନ୍ତ କାର୍ଯ୍ୟ ଏଠାରେ ହୋଇଥାଏ।ଏହିଭଳି ହଜାର ହଜାର ଲୋକଙ୍କ ଦୈନିକ କାର୍ଯ୍ୟରେ ଏହି ପୋଖରୀ ଆସୁଛି।ହେଲେ ପ୍ରଶାସନ ଏହି ପୋଖରୀର ବିକାଶ ପାଇଁ କୌଣସି ବିକାଶମୂଳକ କାର୍ଯ୍ୟ କରିନଥିବାରୁ ତାହା ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ପୋଖରୀରେ ଦଳଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ଗଛବୃକ୍ଷ ଉଠିବାରୁ ସେଠାକୁ ଯିବାକୁ ଭୟ ଲାଗିଲାଣି।ତେବେ ଉକ୍ତ ପୋଖରୀକୁ ମାଛ ଚାଷ କରିବାକୁ ଲିଜ ନେଇଥିବା ମହିଳାମାନେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ। ଏବେ ସ୍ୱୟଂ ସହାୟକ ଗୋଷ୍ଠୀ ବନ୍ଦ ହେବାର ଭୟରେ ଏବେ ଆଉ କେହି ମୁଣ୍ଡ ପୁରାଉନାହାନ୍ତି। ନିକଟରେ ମହିଳା ଗୋଷ୍ଠୀ ମାଧ୍ୟମରେ ତାହାକୁ ସଫେଇ କରାଯିବାର ଯୋଜନା ହୋଇଥିଲା। ହେଲେ ସରକାର ବଦଳିଯିବାରୁ ଏହି ଗୋଷ୍ଠୀର ମହିଳାମାନେ ପଛଘୁଞ୍ଚା ଦେଇଥିବା ଜାଣିବାକୁ ମିଳିଛି।ଜିଲ୍ଲାର ଅନ୍ୟ ବ୍ଲକ ଗୁଡିକରେ ପୋଖରୀଗୁଡିକ ସୌନ୍ଦର୍ଯ୍ୟକରଣ କରାଯାଇଛି। ପୋଖରୀ କୂଳରେ ସିମେଣ୍ଟ ବେଞ୍ଚମାନ ସ୍ଥାପନ କରାଯାଇଛି। ବିଭିନ୍ନ ପ୍ରକାରର ନର୍ତ୍ତକୀ ଆଉ ପଶୁପକ୍ଷୀଙ୍କ ମୂର୍ତ୍ତୀ ସ୍ଥାପନ କରାଯାଇ ଗ୍ରାମାଞ୍ଚଳ ପୋଖରୀକୁ ସହରର ଚିତ୍ର ଦିଆଯାଇଛି।ପୋଖରୀର ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟ କରାଯାଉଛି। ହେଲେ ଗରଦପୁର ଏହି ପୋଖରୀର ବିକାଶ ନେଇ ଥରେ ମଧ ପଞ୍ଚାୟତର ସରପଞ୍ଚଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ କି ଜିଲ୍ଲା ପ୍ରଶାସନ କେହି ମଧ ସୌନ୍ଦର୍ଯ୍ୟକରଣ କଥା ଉଠେଇଲେ ନାହିଁ। ପରିମଳକୁ ସ୍ୱଚ୍ଛ ରଖିବା ପାଇଁ ବିଭିନ୍ନ ସ୍ଥାନରେ ତିଆରି ହେଲା ପାର୍କ।ଅନ୍ୟ ସବୁ ପଞ୍ଚାୟତରେ ଅବସର ବିନୋଦନ ଲାଗି ପାର୍କ ନିର୍ମାଣ ହେଉଛି।ବିଭିନ୍ନ ପ୍ରକାର ଫୁଲ ଓ ଫଳଗଛ ଲଗାଯାଇଛି। ମନରେଗା ଯୋଜନା ମାଧ୍ୟମରେ ଗାଁରେ ନିର୍ମାଣ ହୋଇଛି ସୁନ୍ଦର ଆମୋଦ ପ୍ରମୋଦ ପାଇଁ ପାର୍କ।ଲୋକଙ୍କ ମନରେ ସକରାତ୍ମକ ଭାବନା ଓ ଶାନ୍ତି ଭରିଦେଉଛି ହେଲେ ଗରଦପୁର ପଞ୍ଚାୟତ କି ପାପ କରିଛି ଯେ ଏପର୍ଯ୍ୟନ୍ତ ପାର୍କଟିଏ ହୋଇପାରିଲା ନାହିଁ।ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ପାର୍କ ଆରମ୍ଭ ହୋଇଥିଲା। ହେଲେ ଅତି ନିମ୍ନମାନର ପାର୍କ ହେବାରୁ ତାହା ଭାଙ୍ଗି ଗଳି ପଡ଼ିଲା।ଆଉ ଏହାପରେ ପାର୍କ ହେଲାନି। ଏହି ପଞ୍ଚାୟତରେ ଥିବା ବୃହତ୍ତମ ପୋଖରୀର ସୌନ୍ଦର୍ଯ୍ୟକରଣ ସହ ପାର୍କ ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଜିଲ୍ଲାପାଳ ଧ୍ୟାନ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଧାମରାରେ ବିଶ୍ୱ ପରିବେଶ ପାଳିତ



**ଭଦ୍ରକ, ୬।୬(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଧାମରା ଠାରେ ଧାମରା ସବୁଜ ବାହିନୀ ପ୍ରତିଷ୍ଠାତା ପ୍ରକୃତିବନ୍ଧୁ ଶରତ କୁମାର ଦଳେଇ ଓ ସବୁଜ ବାହିନୀର ସଦସ୍ୟମାନଙ୍କ ଉଦ୍ୟମରେ ମା' ଧାମରାଇ ଠାକୁରଙ୍କ ନିକଟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଧାମରା ୧୦୮ ଗାଡ଼ିର ପାଇଲଟ ସନ୍ତୋଷ ପାତ୍ର, ଇଏମ୍‌ଟି ସତ୍ୟନାରାୟଣ ମହାନ୍ତି, କମଳାକାନ୍ତ ସାହୁ, ଗୌରାଙ୍ଗ ବସନ୍ତିଆ, ସବୁଜ ବାହିନୀର ସଦସ୍ୟ ଆଲେଖ ମାଝୀ, ସତ୍ୟ ରଞ୍ଜନ ବାରିକ, ଯୁବରାଜ ସାମଲଙ୍କ ସମେତ ସ୍ଥାନୀୟ ଛୋଟ ଛୋଟ ପିଲା ମାନେ ସାମିଲ ହୋଇଥିଲେ। ବୃକ୍ଷରୋପଣ ପରେ ଏକ ସଭା ଆୟୋଜନ କରାଯାଇଥିଲା। ପ୍ରକୃତି ବନ୍ଧୁ ପରିବେଶ ଉପରେ ତାଙ୍କର ବକ୍ତବ୍ୟ ରଖିଥିଲେ। ଗଛ ହେଉଛି ମଣିଷର ପ୍ରାକୃତିକ ବନ୍ଧୁ। ଗଛ ବିନା ପୃଥିବୀରେ ବସ ବାସ କରୁଥିବା ପ୍ରତ୍ୟେକ ପ୍ରାଣୀ ଜଗତ ତିଷ୍ଠି ରହିବା ଅସମ୍ଭବ ହୋଇପଡ଼ିଛି ବୋଲି ଅତିଥିମାନେ କହିଥିଲେ।

## ଉଦ୍‌ଘାଟନ ପରେ ବି ଲୋକଙ୍କୁ ମିଳୁନି ପାଣି

# ଟାଙ୍କିରେ ତାଲା; ହନ୍ତସନ୍ତ ହେଉଛନ୍ତି ଲୋକେ

ଦୋବଲ, ୬।୬(ସମିସ)



ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ପାଇପ୍ ମାଧ୍ୟମରେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ଗ୍ରାମ୍ୟ ପାନୀୟଜଳ ପ୍ରକଳ୍ପ ଠାରୁ ଆରମ୍ଭ କରି ବସୁଧା ଓ ସୁଜଳ ଯୋଜନା କାର୍ଯ୍ୟକାରୀ ହେଉଛି। ତେବେ ଅନେକ ସ୍ଥାନରେ ଏହି ଯୋଜନାର ସୁଫଳ ଜନସାଧାରଣ ପାଇପାରୁ ନାହାଁନ୍ତି। କେଉଁଠି ରାସ୍ତା କାମ ପାଇଁ ପାଇପ୍ ତଡ଼ା ଯାଉଛି ତ କେଉଁଠି ବିଦ୍ୟୁତ୍ ପାଉଣା ବାକିଥିବା ଯୋଗୁଁ ମାସ ମାସ ଧରି ପାନୀୟ ଜଳରୁ ବଞ୍ଚିତ ରହୁଛନ୍ତି ସାଧାରଣ ଲୋକେ। ଏଥିସହ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଗ୍ରୀଷ୍ମରତୁ ପୂର୍ବରୁ ଅଚଳ ହୋଇଥିବା ପାଣି ଟାଙ୍କିକୁ ସଚଳ କରି ଜଳଯୋଗାଣ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଥିଲା ହେଲେ ଗ୍ରାମବାସୀଙ୍କ ପକ୍ଷରୁ ଯେତେ ଅଭିଯୋଗ କଲେ ମଧ୍ୟ ଏହାର ପ୍ରତିକାର କରାଯାଉନାହିଁ। ଏହା କେବଳ ପାଣି ଟାଙ୍କିରେ ସୀମିତ ଅଛି ବୋଲି ଗ୍ରାମବାସୀ କୁହନ୍ତି। ଏହି ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ସୁଦ୍ଧା ଏହାର ସୁଫଳ ଗ୍ରାମବାସୀ ପାଇପାରୁ ନାହାନ୍ତି। ପ୍ରକାଶ ଥାଉକି ଧାମନଗର ବ୍ଲକର ପଧାନି ପଞ୍ଚାୟତର ସମ୍ମୁଖରେ ଥିବା ଏକଲକ୍ଷ କ୍ଷମତା ବିଶିଷ୍ଟ ପାଣି ଟାଙ୍କି ନିର୍ମାଣ ସରିଛି; ମାତ୍ର ଚଳିତ ବର୍ଷ ଫେବୃଆରୀ ମାସରେ ଉଦ୍‌ଘାଟନ ସରିଥିଲେ ମଧ୍ୟ ସାଧାରଣ ଲୋକେ ପାଣି ପାଇପାରିଲେ ନାହିଁ। ଟାଙ୍କି ପରିସରରେ ସରୀସୃପ ମଧ୍ୟ ବାସକଲେଣି। ସୂଚନା ଥାଉକି ଉକ୍ତ ପାଣିଟାଙ୍କି ଉପରେ ପ୍ରାୟ ଦୁଇ ହଜାର ଲୋକ ପାଣି ପାଇଁ ନିର୍ଭର କରିଥାନ୍ତି ମାତ୍ର। ମାତ୍ର ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସେଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଏ ପର୍ଯ୍ୟନ୍ତ ଏହି ସମସ୍ୟାର ସମାଧାନ ନ ହେବା ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଧାମନଗର ବ୍ଲକର ବିଭାଗୀୟ ଅଧିକାରୀ ମୁକୁଳ ଦାସଙ୍କୁ ଯୋଗାଯୋଗ କରିବାରୁ ଏପରି ଅଭିଯୋଗ ମୋ ନଜରକୁ ଆସି ନଥିଲା। ତେବେ ଘଟଣାର ତଦନ୍ତ କରି ଖୁବଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି। ପ୍ରକାଶ ଥାଉ କି ଉକ୍ତ ପାଣି ଟାଙ୍କି ଦ୍ୱାରା ପଧାନୀ, କଇଥାଡିହ, ଦଶନ୍ଧିକୂଳ ସମେତ ବିଭିନ୍ନ ସାହିକୁ ପାଣି ସଂଯୋଗ ର ବେବସ୍ଥା ଥିବା ବେଳେ ଅଧିକାଂଶ ସାହିକୁ ପାଇପ୍ ବିଛାଯାଇନାହିଁ। ଯେଉଁ ସ୍ଥାନରେ ପାଇପ୍ ପଡ଼ିଛି ତାହା ନିମ୍ନମାନର ଯୋଗୁଁ ପାଇପ୍ ଓ ଷ୍ଟାଣ୍ଡ ନଷ୍ଟ ହେବାକୁ ବସିଲାଣି। ସେପଟେ ଉଦ୍‌ଘାଟନ ସରିଥିଲେ ବି ଲୋକମାନେ ପାନୀୟ ଜଳ ପାଇ ନାହାନ୍ତି।

# ଆଦାନୀ ଧାମରା ପୋର୍ଟ ପକ୍ଷରୁ ପରିବେଶ ଦିବସ



**ଭଦ୍ରକ, ୬।୬(ସମିସ):** ଆଦାନୀ ଧାମରା ପୋର୍ଟ ପରିସରରେ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପୋର୍ଟ ପାରିପାର୍ଶ୍ୱସ୍ଥ ଅଞ୍ଚଳରେ ୧୫୦୦ ଚାରାରୋପଣ କରାଯାଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନିଲ କୁମାର ବାରିକ ମୁଖ୍ୟଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଆଦାନୀ ଧାମରା ପୋର୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଦେବେନ୍ଦ୍ର ଠକର, ମୁଖ୍ୟ ପରିଚାଳନା ଅଧିକାରୀ ସଞ୍ଜୀବ ଗୁପ୍ତା ଏବଂ ଅନ୍ୟାନ୍ୟ ବିଭାଗର ମୁଖ୍ୟମାନେ ଉପସ୍ଥିତ ଥିଲେ। ଚାରାଗୁଡ଼ିକ ପୋର୍ଟ ନିକଟସ୍ଥ ଏଲ୍‌ଏନ୍‌ଜି ପ୍ରକଳ୍ପ କାର୍ଯ୍ୟାଳୟ ପାର୍ଶ୍ୱରେ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପରିବେଶ ଏବଂ ହର୍ଟିକଲଚର୍ ବିଭାଗର କର୍ମକର୍ତ୍ତାଙ୍କ ଦ୍ୱାରା ସଂଯୋଜନା କରାଯାଇଥିଲା। ଏଥିରେ ଭୂମି ପୁର୍ନସ୍ଥାପନ, ପୁର୍ନନିର୍ମାଣ ଏବଂସ୍ଥିରୀକରଣର ପ୍ରକ୍ରିୟା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଯେଉଁଥିରେ ବନୀକରଣ ଏବଂ ଚାରାରୋପଣ ପ୍ରମୁଖ ସ୍ଥାନ ଗ୍ରହଣ କରିଥିଲା। ନିମ୍ବ, କରଞ୍ଜ ଭଳି ଅନ୍ୟାନ୍ୟ ଔଷଧୀୟ ଚାରା ରୋପଣ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ କର୍ମଚାରୀଙ୍କୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଠକର ସମ୍ବୋଧିତ କରିବା ସହ ପ୍ରତି ବ୍ୟକ୍ତି ଗୋଟିଏ ଗୋଟିଏ ଚାରା ପୋଷ୍ୟଭାବେ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ।

# ଗାନ୍ଧିଜୀଙ୍କ ହରିଜନ ପଦଯାତ୍ରା ସ୍ମାରକୀ ସମାରୋହ




**ଭଦ୍ରକ, ୬।୬(ସମିସ):** ମହାତ୍ମା ଗାନ୍ଧୀ ହରିଜନ ପଦଯାତ୍ରା ସ୍ମାରକୀ ସମାରୋହ ଆଜି ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଛିଫ ଭଦ୍ରକ ମହାତ୍ମା ଗାନ୍ଧୀ ବିଚାର ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ସଭାପତିତ୍ୱ କରିଥିଲେ ମଞ୍ଚ ସଭାପତି ଶାନ୍ତନୁ କୁମାର ରାଉତ। ମୁଖ୍ୟଅତିଥି ଭାବେ ସେବାନିବୃତ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଯୋଗଦେଇ କହିଲେ ଯେ, ପଦଯାତ୍ରାରୁ ଗାନ୍ଧିଜୀଙ୍କ କର୍ମପ୍ରବଣତା ବାରି ହୋଇ ପଡୁଥିଲା ଓ ତାଙ୍କ ରକ୍ତସ୍ରୋତରେ କର୍ମପ୍ରବଣତା ମିଶି ଯାଇଥିଲା। ହରିଜନ ପଦଯାତ୍ରା ସମୟରେ ତାଙ୍କ ବାର୍ତ୍ତା ଥିଲା, ଜାତି, ସାମ୍ପ୍ରଦାୟିକତା, ପ୍ରଦେଶିକତା, ଆଞ୍ଚଳିକତା ପରିହାର କରିବା ପାଇଁ ଲୋକଙ୍କୁ ବାର୍ତ୍ତା ଦେଉଥିଲେ। ସବୁ ଠାରୁ ବଡ କଥା ହେଲା, ଗାନ୍ଧିଜୀ ପଦଯାତ୍ରା ବେଳେ ଲୋକଙ୍କ ସହ ମିଶୁଥିଲେ, ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେଉଥିଲେ। ଅନ୍ୟତମ ଅତିଥି ଅଧ୍ୟାପକ ଦତ୍ତାତ୍ରେୟ ଦାସ ଗାନ୍ଧିଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ବିଚାର ମଞ୍ଚର ଉପସଭାନେତ୍ରୀ ସ୍ୱାଗତ ଭାଷଣ ଡ.ରାଧାରାଣୀ ମହାପାତ୍ର ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଅଶୋକ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚର ସମ୍ପାଦକ ସୁଧାକର ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଙ୍ଗଠନ ସମ୍ପାଦକ ବାବୁଲାଲ ଦାସ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠିତ ସମାରୋହରେ ଉତ୍କଳ ସର୍ବୋଦୟ ମଣ୍ଡଳ ସମ୍ପାଦକ ସମାଜସେବୀ ରମାକାନ୍ତ ମଣ୍ଡଳ ଓ ଅବସରପ୍ରାପ୍ତ ଆଦର୍ଶ ପ୍ରଧାନ ଶିକ୍ଷକ ଅନାଦି ଚରଣ ଦାସଙ୍କୁ ଆଦର୍ଶ ବିଧାୟକ ବିଷ୍ଣୁସେଠୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାବ୍ୟତୀତ ସୁଶ୍ରୀ ନୁର୍ ଫତମାଙ୍କୁ ମହାତ୍ମା ଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ହରିଜନ ପଦଯାତ୍ରା ସ୍ମାରକୀ ଅବସରରେ ଆଜି ସାଢେ ୭ଟା ବେଳେ ମଞ୍ଚ ତରଫରୁ ଗାନ୍ଧୀ ପଡ଼ିଆରେ ସଫେଇ ଓ ପରେ ଗାନ୍ଧୀ ପଡ଼ିଆରେ ଥିବା ଗାନ୍ଧିଜୀଙ୍କ ପ୍ରତିମର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମାଲ୍ୟାର୍ପଣ ବେଳେ ଇଂ.ଅଖିଳ ପାଢ଼ୀ, ଏସଏମ୍ ଫାରୁକ, ଅଜୟ ନାୟକ, ବିଜୟ ନାୟକ, ଶାନ୍ତନୁ ରାଉତ, ସୁଧାକର ରାଉତ ଓ ହରି ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସମାରୋହରେ ଗୀତାରାଣି ଆଇଚ, ଗୌରାଙ୍ଗ ବାରିକ, ଗୟାଧର ପଣ୍ଡା, କୈଳାସ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ବସୁମିତ୍ରା ସାହୁ, ଭାଗବତ ତ୍ରିପାଠୀ, ପରମାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ■ ଜରାଜୀର୍ଣ୍ଣ ତିଆଡ଼ିସାହି ଗ୍ରାମ୍ୟ ରାସ୍ତା

# ଅଧା କଚ୍ଚା, ଅଧେ ଫଟା





**ବାରିକପୁର, ୬।୬(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ଗ୍ରାମ ପଞ୍ଚାୟତ ତିଆଡିସାହି ରାସ୍ତା ଏବେ ଜରାଜୀର୍ଣ୍ଣ ପାଲଟିଛି। ଆଗକୁ ବର୍ଷା ଦିନ ଆସୁଥିବା ବେଳେ ରାସ୍ତା ଦୂରାବସ୍ଥା ନେଇ ଏବେ ଚିନ୍ତାରେ ଗ୍ରାମବାସୀ। ସୂଚନା ମୁତାବକ ପୂର୍ତ୍ତ ବିଭାଗ ରାସ୍ତାର କଣ୍ଟାଘର ଛକ ଠାରୁ ଶ୍ୟାମସୁନ୍ଦରପୁର ଦେଇ ତିଆଡି ସାହି ବାସୀଙ୍କ ପାଇଁ ଏକମାତ୍ର ଗମନାଗମନ ରାସ୍ତା ରହିଛି। ଏହାର ଅର୍ଦ୍ଧାଧିକ ଭାଗ କେନାଲ ବନ୍ଧ ରହିଥିବା ବେଳେ ଆଉ ଅଧେ ଗ୍ରାମ୍ୟ ରାସ୍ତା ଭାବେ ରହିଛି। ଗାଁ ପାର୍ଶ୍ୱରୁ ମହାଦେବ ମନ୍ଦିର ଯାଏଁ କଂକ୍ରିଟ ନିର୍ମିତ ରାସ୍ତା ରହିଥିଲେ ମଧ୍ୟ ବାକି ମୋରମ ମାଟି ମିଶ୍ରିତ କଚ୍ଚା ରାସ୍ତା ରହିଛି। ଏବେ ଶ୍ୟାମସୁନ୍ଦରପୁର ଠାରୁ ଶିବ ମନ୍ଦିର ଯାଏଁ ଥିବା ରାସ୍ତାର ଅନେକ ଅଂଶ ଖାଲଖମାରେ ଭର୍ତ୍ତି ହୋଇଯାଇଛି। ବର୍ତ୍ତମାନ ସାଧାରଣ ସାଇକେଲ ଓ ମୋଟର ସାଇକଲରେ ଯିବା କଷ୍ଟକର ମଧ୍ୟ ହୋଇ ପଡୁଛି। ଏହାଛଡା ଅନେକ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା କଂକ୍ରିଟ ମଧ୍ୟ ଫାଟି ଆଁ କଲାଣି। ଅସରାଏ ବର୍ଷା ହେଲେ ଗାଁକୁ ଚାଲିଚାଲି ଯିବା ଛଡା ଆଉ କୌଣସି ବିକଳ୍ପ ନାହିଁ। ତେଣୁ ବର୍ଷା ଋତୁ ପୂର୍ବରୁ କଚ୍ଚା ଓ ଫଟା ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ଗ୍ରାମବାସୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଅଭିନୟ ନିଶାରେ ମସ୍‌ଗୁଲ ମାର୍ବଲ ମିସ୍ତ୍ରି





ବନ୍ତ/ଆଗରପଡ଼ା, ୬।୬(ସମିସ): ପିଲାଟି ଦିନୁ ଭଲ କଳାକାରଟିଏ ହେବା ପାଇଁ ମନରେ ବହୁ ଆଗ୍ରହ ଥିଲା। ହେଲେ ପରିସ୍ଥିତି ତାଙ୍କୁ ମାର୍ବଲ ମିସ୍ତ୍ରି ସଜାଇଲା। ତଥାପି ନିଜ ପିଲା ଦିନର ଆଗ୍ରହକୁ ସେ ଭୁଲିନାହାନ୍ତି। ପରିବାର ପ୍ରତିପୋଷଣ ପାଇଁ ମାର୍ବଲ ମିସ୍ତ୍ରି ଭାବେ କାର୍ଯ୍ୟକରୁଥିବା ବେଳେ ମିଳୁଥିବା ସମୟକୁ ସେ ନିଜର କଳାରେ ନିୟୋଜିତ କରନ୍ତି। ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ନିଜ କଳାକୁ ପ୍ରଦର୍ଶନ କରି ଦର୍ଶକଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଛନ୍ତି। ସେ ହେଉଛନ୍ତି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ପୁରୁଷଣ୍ଡ ଗ୍ରାମର ଭରଦ୍ୱାଜ ରାଉତ। ସେ ପେଶାରେ ଜଣେ ମାର୍ବଲ ମିସ୍ତ୍ରି ହୋଇଥିଲେ ମଧ୍ୟ ବାକି ସମୟକୁ କଳା କ୍ଷେତ୍ରରେ ନିୟୋଜିତ କରନ୍ତି। ପିତା ସ୍ୱର୍ଗତ ଉଦୟନାଥ ଉକ୍ତ ଅଞ୍ଚଳର ଜଣେ ଭଲ କଳାକାର ଥିଲେ। ପିତାଙ୍କ ପାଖରୁ କଳା କାର ହେବାର ପ୍ରେରଣା ପାଇ ଉକ୍ତ ପଥରେ ଆଗେଇବା ସହ ମଞ୍ଚଟିଏ ଖୋଲି ଥିଲେ। ଏହି ମଞ୍ଚ ମାଧ୍ୟମରେ କଳାକୁ ବଞ୍ଚାଇବା ପାଇଁ ଉଦ୍ୟମ କରୁ ଥିବା ବେଳେ ଭାଗ୍ୟର ବିଡ଼ମ୍ବନା ଘଟିଲା। ପିତା ତାଙ୍କୁ ଛାଡ଼ି ଚାଲିଗଲେ ଆର ପାରିକୁ। ପିତାଙ୍କ ଦେହାନ୍ତ ପରେ ବିଧବା ମା' ଓ ପରିବାର ବୋଝକୁ ନେଇ ସେ ବାଧହୋଇ ଜଣେ ମାର୍ବଲ ମିସ୍ତ୍ରି ଭାବେ ନିଜର ଜୀବନ ଆଉ ଜୀବିକାକୁ ନିର୍ବାହ କରିଥିଲେ। ପରିବାର ପ୍ରତିପେଷଣ ପାଇଁ ନିଜକୁ ଜଣେ ମାର୍ବଲ ମିସ୍ତ୍ରି ଭାବେ କାର୍ଯ୍ୟକରୁଥିଲେ ମଧ୍ୟ ନିଜ ଭିତରେ ଥିବା ଅପୂର୍ବ କଳା କୃତିକୁ କେବେ ବି ଭୁଲିପାରିନଥିଲେ। ନିଜ ଭିତରେ ଥିବା ପୁଞ୍ଜିଭୂତ କଳାକୃତିକୁ ପରିପ୍ରକାଶ ପାଇଁ ଉଦ୍ୟମ କରୁଥିବା ବେଳେ ଏବେ ତାଙ୍କୁ ଏକ ପ୍ଲାଟ ଫର୍ମ ମିଳିଛି। ତାହା ହୋଇଛି ଇନ୍‌ଷ୍ଟାଗ୍ରାମ। ଏହା ମାଧ୍ୟମରେ ତାଙ୍କ ଭିତରେ ଥିବା କଳାକୁ ବେଶ ସୁନ୍ଦର ଭାବରେ ପ୍ରଦର୍ଶନ କରିଛନ୍ତି। ଏହି ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ୫୦୦ରୁ ଉର୍ଦ୍ଧ୍ୱ ଭୂମିକାରେ ଅଭିନୟ କରି ଦର୍ଶକମାନଙ୍କର ବେଶ ପ୍ରୀୟ ଭାଜନ ହୋଇଛନ୍ତି। ତାଙ୍କୁ ସୁଯୋଗ ମିଳିଲେ ସେ ଆହୁରି ଭଲଭାବେ ତାଙ୍କ କଳା ପ୍ରଦର୍ଶନ କରିପାରନ୍ତେ ବୋଲି କହିଛନ୍ତି।

# ଭଦ୍ରକ-ଆରଡ଼ି ରାସ୍ତାର କାର୍ଯ୍ୟ ମନ୍ଥର



**ଭଦ୍ରକ/ଅସୁରାଳି, ୬।୬(ସମିସ):** ଭଦ୍ରକରୁ ପ୍ରସିଦ୍ଧ ଶୈବ ପୀଠ ବାବା ଆଖଣ୍ଡଳମଣି ଧାମ ପର୍ଯ୍ୟନ୍ତ ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ଭିତ୍ତିପ୍ରସ୍ତର ସ୍ଥାପନ ହେବାର ଦୀର୍ଘ ଦିନ ବିତିଗଲା ଟେଣ୍ଡର ପ୍ରକ୍ରିୟା ସରି ହଠାତ ରାସ୍ତାର ଦୁଇ ପାର୍ଶ୍ୱରେ ଦୀର୍ଘ ତିରିଶ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହିଥିବା ବହୁ ମୂଲ୍ୟବାନ ଗଛକୁ ତରବରିଆ ଭାବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ କାଟି ଦିଆଗଲା। ଯେଉଁଥି ପାଇଁ ସ୍ଥାନୀୟ ଜନସାଧାରଣଙ୍କ ଭିତରେ ଦୁଃଖ ଓ ଅସନ୍ତୋଷ ଦେଖିବାକୁ ମିଳୁଛି। କାଳବୈଶାଖୀ, ବାତ୍ୟା, ବନ୍ୟାରୁ ଅଞ୍ଚଳବାସୀଙ୍କୁ ସୁରକ୍ଷା ଦେଉଥିବା ମୂଲ୍ୟବାନ ଗଛ ଗୁଡ଼ିକୁ ନିର୍ଦ୍ଦୟ ଭାବରେ କାଟି ଦିଆଗଲା। ପ୍ରତି ବଦଳରେ ଗଛଟିଏ ଲଗା ଗଲା ନାହିଁ। ରାସ୍ତାର ମନ୍ଥର ଗତି ନିର୍ମାଣ କେବେ ଶେଷ ହେବ ତାର କୌଣସି ସୂଚନା ଫଳକ ନାହିଁ। ପୁଣି ପିଚୁ ଢଳାଇ କାର୍ଯ୍ୟ ଆରମ୍ଭ ହେଉ ହେଉ ଫଡା ଫଡା ଉଠିଲାଣି ପିଚୁ। ପ୍ରତିଦିନ ଯାତ୍ରୀ ଦୁର୍ଘଟଣା ର ଶିକାର ହେଉଛନ୍ତି। ସମଗ୍ର ରାସ୍ତା ଏମିତି ବିପର୍ଯ୍ୟସ୍ତ ସାଇକଲ ଚଳାଇବା ମଧ୍ୟ କଷ୍ଟକର। ଆରଡ଼ି ଛକରୁ ସମରାଇ ପୁର ଶେଷ ପର୍ଯ୍ୟନ୍ତ ଡ୍ରେନେଜ ବ୍ୟବସ୍ଥାର ତୃଟି ପାଇଁ ବେଙ୍ଗ ପରିସ୍ରା କଲେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ସଂଘାତିକ ପରିସ୍ଥିତି ସୃଷ୍ଟି ହେଉଛି। କାଳ ବୈଶାଖୀ ପ୍ରକୋପରେ କେବେ ଅସରାଏ ବର୍ଷା ହେଲେ ଲୋକ ରାସ୍ତାର ଅବସ୍ଥା ବେହାଲ୍ ହୋଇ ଯାଉଛି। ଲୋକ ମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଅତି ନିମ୍ନମାନର ଏବଂ ମନ୍ଥର ଗତିକୁ ନେଇ ଠିକାଦାର ଓ ଜଣେ ଅବସରପ୍ରାପ୍ତ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ହେତୁ ରାସ୍ତାର ଉନ୍ନତିକରଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଯଦି ତୁରନ୍ତ ଏହି ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରି ଯାତାୟାତର ସୁବିଧା କରା ନଯାଏ ତେବେ ଆଗାମୀ ଦିନରେ ରାସ୍ତା ଅବରୋଧ କରି ଲୋକେ ଧାରଣା ଦେବାକୁ ନିଷ୍ପତି ଗ୍ରହଣ କରିଥିବା ଜାଣିବାକୁ ମିଳିଛି। ଭଦ୍ରକ ପୂର୍ତ୍ତ ବିଭାଗ ଏସଇ ଦୀପକ ପାଣିଗ୍ରାହୀଙ୍କୁ ପଚାରି ବାରୁ ସେ କହିଲେ ଭଦ୍ରକ- ଆରଡ଼ି ଏକ ଜନଗହଳି ଯାତାୟତ ପଥ ହେଇ ଥିବାରୁ କାମ ସରିବାରେ ବିଳମ୍ବ ହେଉଛି, ଖୁବ୍ ଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ହେବ।

# ଦାବିଦାରଙ୍କ ରାଜନୈତିକ ଭବିଷ୍ୟତ ନେଇ କଳ୍ପନା ଜଳ୍ପନା



● ସରିଲା ନିର୍ବାଚନ

**ବାରିକପୁର, ୬।୬(ସମିସ):** ଇତିମଧ୍ୟରେ ସାଧାରଣ ନିର୍ବାଚନ ଶେଷ ହୋଇଥିବା ବେଳେ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ ବିଜେଡି ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକ ନିର୍ବାଚିତ ହୋଇଛନ୍ତି। ଶ୍ରୀ ମଲ୍ଲିକ କଂଗ୍ରେସର ହେଭିୱେଟ ନେତା ନିରଞ୍ଜନ ପଟ୍ଟନାୟକଙ୍କୁ ପରାସ୍ତ କରିଥିବା ବେଳେ ସେ ଆଗାମୀ ୫ବର୍ଷ ପାଇଁ ନିର୍ବାଚନ ମଣ୍ଡଳୀର ନେତା ଭାବେ କାର୍ଯ୍ୟ କରିବାକୁ ଯାଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଭିନ୍ନ ଦଳରୁ ବିଧାୟକ ପ୍ରାର୍ଥୀ ହେବା ପାଇଁ ଯେଉଁ ନେତାମାନେ ଦାବିଦାର ଓ ଆଶାବାଦୀ ଥିଲେ ସେମାନଙ୍କ ରାଜନୈତିକ ଭବିଷ୍ୟତକୁ ନେଇ ସବୁଆଡ଼େ ଚର୍ଚ୍ଚା ଜୋର ଧରିଛି। ସୂଚନା ମୁତାବକ ୨୦୦୯ ମସିହାରେ କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିଥିବା ବଦ୍ରିନାରାୟଣ ଧଳ ପରବର୍ତ୍ତୀ ସମୟରେ ୨୦୧୪ ଓ ୨୦୧୯ରେ ବିଜେପିରୁ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିଥିଲେ। ଯଦିଓ ଚଳିତ ନିର୍ବାଚନରେ ଦଳ ତରଫରୁ ଟିକେଟ ପାଇବାରୁ ବଞ୍ଚିତ ହୋଇଥିଲେ। ସେହିଭଳି ୨୦୧୪ ମସିହାରେ କଂଗ୍ରେସ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିଥିବା ସୁବ୍ରତ ଦାସ ୨୦୧୯ ଓ ୨୦୨୪ ମସିହାରେ କଂଗ୍ରେସର ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପ୍ରାର୍ଥିତ୍ୱ ପାଇଁ ନିଜକୁ ଟିକେଟ ଦୌଡ଼ରୁ ଦୁରେଇ ରଖିଥିଲେ। ଏହାଛଡା ବିଜେପିର ପୂର୍ବତନ ସଂଗଠନ ମନ୍ତ୍ରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଞ୍ଚାନନ ରାଉତ ଦୁଇଥର ଟିକେଟ ପାଇଁ ଆବେଦନ କରିଥିଲେ ସୁଦ୍ଧା ସେ ଏଥିରେ ସଫଳ ହୋଇନାହାନ୍ତି। ଉକ୍ତ ତିନି ଜଣ ଚର୍ଚ୍ଚିତ ଚେହେରାକୁ ଛାଡିଦେଲେ ନାରୀନେତ୍ରୀ ସୁଜାତା ଜେନା ମଧ୍ୟ ପୂର୍ବରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରି ନିର୍ବାଚନ ମଣ୍ଡଳୀ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାଛଡା ଚଳିତ ନିର୍ବାଚନରେ ମଧ୍ୟ ଟିକଟ ପାଇଁ ବେଶ ଆଶାବାଦୀ ଥିଲେ। ୨୦୦୯ ମସିହାରୁ ଏଯାବତ କେବଳ ଶ୍ରୀ ରାଉତଙ୍କୁ ଛାଡିଦେଲେ ଅନ୍ୟ ତିନିଜଣ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରିଥିଲେ ସୁଦ୍ଧା ସ୍ୱପ୍ନ କିନ୍ତୁ ପୂରଣ ହୋଇପାରିନାହିଁ। ନିର୍ବାଚନ ମଣ୍ଡଳୀର ୪୮ଗୋଟି ପଞ୍ଚାୟତରେ ଏମାନଙ୍କର ଅତି ଉତ୍ତମ ଲୋକ ସମ୍ପର୍କ ରହିଥିଲେ ସୁଦ୍ଧା ରାଜନୈତିକ ପଶାପାଲିରେ କିନ୍ତୁ ପଛରେ ରହିଯାଇଛନ୍ତି। ତେଣୁ ଆଗାମୀ ଦିନରେ ରାଜନୈତିକ କ୍ଷେତ୍ରରେ ଉକ୍ତ ଚାରି ନେତୃତ୍ୱଙ୍କ ଭବିଷ୍ୟତ କଣ ହେବ ତାହାକୁ ନେଇ ସବୁଠି କଳ୍ପନା ଜଳ୍ପନା ଲାଗି ରହିଛି।

# ଗାଁ ବଜାରରେ ଚୋରା ଦେଶୀ ଓ ବିଦେଶୀ ମଦର ବନ୍ୟା

ଧାମନଗର, ୬।୬(ସମିସ)

ନିରବଦ୍ରଷ୍ଟା ଅବକାରୀ ବିଭାଗ। ଗାଁ ଗାଁରେ ଚୋରା ଦେଶୀ ଓ ବିଦେଶୀ ମଦର ବନ୍ୟା। ଲଗାମ ଲଗାଇ ପାରୁନି ପୁଲିସ ଓ ଅବକାରୀ ବିଭାଗ। ଦୁଃଖ ଓ ପରିତାପର ବିଷୟ ଧାମନଗର ଅବକାରୀ ଥାନା ଠାରୁ ୧୦୦ ମିଟରରେ ଏକ ପାନ ଦୋକାନରେ ଖୋଲାଖୋଲି ବେଆଇନ ମଦ କାରବାର ଚାଲିଛି। ରାଜ୍ୟ ସରକାରଙ୍କ ଅଧିକ ରାଜସ୍ୱ ଏହି ବିଭାଗରୁ ଆସିଥାଏ ହେଲେ ମଦ ପାଇଁ ଦୁର୍ଘଟଣା ଘଟିଥିବା ସହ କେତେଯେ ଜୀବନ ଯାଉଛି। ଏତିକି ନୁହେଁ କେତେ ପରିବାରରେ ବିଶୃଙ୍ଖଳା ସହ ଘର ଉଜୁଡି ଯାଉଛି ସେଥିପ୍ରତି ସରକାରଙ୍କ ଦୃଷ୍ଟି ନାହିଁ।ରାଜସ୍ୱ ଆଳରେ ଗାଁ ଗାଁରେ ମଦ ଦୋକାନ ଖୋଲିବାକୁ ମିଳୁଛି ଅନୁମତି। ଏଥିସହିତ ମଦ ମାଫିଆମାନେ ଗାଁ ଗାଁରେ ବେକାର ଯୁବକମାନଙ୍କୁ ଅଧିକ ଆୟର ଆଳଦେଖାଇ ଚୋରା ମଦ ବେପାର କରିବାକୁ ପ୍ରୋତ୍ସାହନ ଯୋଗାଉଛନ୍ତି। ଯାହା ଫଳରେ ଗାଁ ଗାଁରେ ଥିବା ଛୋଟ ଛୋଟ ବଜାରରେ ଚୋରା ଦେଶୀ ଓ ବିଦେଶୀ ମଦର ଖଲମ୍ ଖୁଲା ବେପାର ବଢ଼ି ଚାଲିଛି। ଧାମନଗର ଓ ଧୁଷୁରୀ ଥାନା ଅଞ୍ଚଳରେ ଥିବା ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ କେତେବେଳେ କେମିତି ଧର୍ମକୁ ଆଖିଠାର ସଦୃଶ ଚୋରା ମଦ ବେପାରୀଙ୍କୁ ଧରୁଥିଲେ ମଧ୍ୟ ସେମାନେ ଆଇନର ଗଳାବାଟ ଦେଇ ଖସି ଯିବାକୁ ସକ୍ଷମ ହେଉଛନ୍ତି। ବିଶେଷ କରି ଧାମନଗର ବ୍ଲକ ଓ ପଡୋଶୀ ଯାଜପୁର ଜିଲ୍ଲାର ସୀମାନ୍ତ ଅଞ୍ଚଳ ହୋଇଥିବାରୁ ବାହାର ଜିଲ୍ଲାର ଦେଶୀ ଓ ବିଦେଶୀ ମଦ ଚୋରାରେ ପ୍ରତି ଗ୍ରାମରେ ପହଞ୍ଚୁଛି। ପଡୋଶୀ ଜିଲ୍ଲାକୁ ସଂଯୋଗ କରୁଥିବା ନଦୀ ଓ କେନାଲ ବନ୍ଧ ଏବଂ ଗ୍ରାମ୍ୟ ରାସ୍ତା ଏହି ଚୋରା କାରବାରର ପ୍ରମୁଖ ମାଧ୍ୟମ ସାଜିଛି।ଏହି ଜିଲ୍ଲାରୁ ଅନ୍ୟ ବ୍ଲକର ବିଭିନ୍ନ ଅଞ୍ଚଳକୁ ଚୋରା ଦେଶୀ ଓ ବିଦେଶୀ ମଦ ଚାଲାଣ ହେଉଥିବା ବେଳେ ଅନେକ ସ୍ଥାନରେ ମହୁଲି, ହାଣ୍ଡିଆ, ଚାଉଳି ମଦ ପ୍ରସ୍ତୁତ କରାଯାଉଥିବା ଜଣାଯାଇଛି। କିଛି ସରକାରୀ ଦେଶୀ ଓ ବିଦେଶୀ ମଦ ବିକ୍ରେତା ଗ୍ରାମାଞ୍ଚଳର ଯୁବକଙ୍କୁ ଫସାଇ ଚୋରା ବେପାର ମାଧ୍ୟମରେ ମଦର ହୋମ ଡେଲିଭରି କରୁଥିବା ଜଣାଯାଇଛି। ପୁଲିସ ଓ ଅବକାରୀ ବିଭାଗ ଚୋରା ମଦ ଚାଲାଣ ଓ ବିକ୍ରି ଉପରେ କୌଣସି ଅଙ୍କୁଶ ଲଗାଇ ପାରୁନଥିବା ବେଳେ ମଦ୍ୟପାନ ଜନିତ ପାରିବାରିକ ହିଂସା ବଢ଼ିବାରେ ଲାଗିଛି। ଧାମନଗରରେ ଏକ ଅବକାରୀ ଥାନା ଥିଲେ ମଧ୍ୟ ଏହା ସରକାରୀ ସ୍ତରରେ ଏଯାଏଁ କାର୍ଯ୍ୟକ୍ଷମ ହୋଇନାହିଁ। ଏସବୁ ପରେ ସାରା ରାଜ୍ୟରେ ଚହଳ ସୃଷ୍ଟି କରୁଥିବା ଧଳା ଜହର ଧାମନଗର ଓ ଧୁଷୁରୀ ଥାନା ଅଞ୍ଚଳର ବିଭିନ୍ନ ଛୋଟ ବଡ଼ ବଜାରରେ ତା'ର କାୟା ବିସ୍ତାର କରୁଛି। ରାଜ୍ୟ ସରକାର ଓ ଅବକାରୀ ବିଭାଗ ଏବଂ ପୁଲିସ ପ୍ରଶାସନ ଉକ୍ତ ଘଟଣା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଚୋରା ମଦ କାରବାରରେ ରୋକ ଲଗାଇବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

